## ଭାଜପାରେ ଈଶାନ
# ବଦଳୁଛି ସମୀକରଣ



ଈଶାନ ମିଶ୍ର

**ବହଳଦା, ୨୬।୪ (ଡି.ଏନ.ଏ)**

ନିର୍ବାଚନର ଶେଷ ମୁହୂର୍ତ୍ତରେ ବି ଦଳବଦଳ ପ୍ରକ୍ରିୟା ଜାରି ରହିଥିବାରୁ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ରାଜନୈତିକ ସମୀକରଣ ବଦଳିବାର ସ୍ପଷ୍ଟ ଆଭାସ ମିଳୁଛି। ଦୁଇ ଦିନ ତଳେ ବରିଷ୍ଠ ସଂଗଠକ ତଥା ବିଜେଡି ଜିଲ୍ଲା ଉପସଭାପତି ଈଶାନ ମିଶ୍ର ତାଙ୍କର ଶତାଧିକ ନେତା ଓ କର୍ମୀ ସହିତ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ମିଶିଛନ୍ତି। ଏହାକୁ ନେଇ ସମଗ୍ର ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଏବେ ଚର୍ଚ୍ଚା ଜୋର ଧରିଛି। ଏକଦା ଅଣକଂଗ୍ରେସ ଓ ଅଣ ଭାଜପା ରାଜନୀତିକୁ ନିଜ ହାତମୁଠାରେ ରଖିଥିବା ପୂର୍ବର ଜନତା ଦଳ ଓ ଏବେର ବିଜୁ ଜନତା ଦଳର ୩ ଦଶନ୍ଧି ଧରି ମଙ୍ଗୁଆଳ ସାଜିଥିବା ଈଶାନ ମିଶ୍ର ଦଳରେ କୋଣଠେସା ହେବା ପ୍ରତିବାଦରେ ଦଳ ଛାଡିଥିବା କହିଛନ୍ତି। ତେବେ ଈଶାନଙ୍କ ଭଳି ଗୋଟିଟାଳନାରେ ଅଭିଜ୍ଞ ସଂଗଠକ ଭାଜପାରେ ମିଶିବା ପରେ ଭାଜପା ଶିବିରରେ ଉତ୍ସାହ ବଢିଥିବା ଲକ୍ଷ୍ୟ କରାଯାଇଛି। ଈଶାନ ଓ ତାଙ୍କ ସହଯୋଗୀ ଚଳିତ ନିର୍ବାଚନରେ ଏକ ନିର୍ଣ୍ଣାୟକ ଭୂମିକାରେ ରହିବେ ବୋଲି ରାଜନୈତିକ ସମୀକ୍ଷକ ମାନେ କହିଛନ୍ତି।



ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ନରହରିପୁର ପଡ଼ିଆରେ ଶୁକ୍ରବାର ଅପରାହ୍ନରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଉପସ୍ଥିତ ଜନସାଧାରଣ।

## ବିଶୋଇରେ ଭାଜପାର ବିଜୟ ସଂକଳ୍ପ ସଭା
# ‘ପରିବର୍ତ୍ତନ ଆଣିବ ବିକାଶ’

**ବିଶୋଇ, ୨୬।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲ୍ଲାରେ ଆସନ୍ତା ୨୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ଜିଲ୍ଲାର ସାରସକଣା ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ଦିନ ଷ୍ଟାର ପ୍ରଚାରକଙ୍କ ଭିଡ଼ ଜମୁଛି। ରାଇହରି ଠାରେ ବୁଧବାର ଭାଜପା ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର କରିଥିବା ବେଳେ ଗୁରୁବାର ବିଶୋଇ ଠାରେ ଅନୁଷ୍ଠିତ ବିଜେଡିର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଶୁକ୍ରବାର ବିଶୋଇ ଠାରେ ଭାଜପା ପକ୍ଷରୁ ହାଇଟେକ ପ୍ରଚାର କରାଯାଇ ବିଜେଡି ସରକାରଙ୍କୁ କାଉଣ୍ଟର ଆଟାକ କରାଯାଇଛି।

ବିଶୋଇ ସ୍ଥିତ ବଜାର ପଡିଆଠାରେ ବିଶୋଇ ମଣ୍ଡଳ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭା କରାଯାଇଥିଲା। ଏଥିରେ କେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜୁଏଲ ଓରାମ, ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, କନ୍ଧମାଳ ସାଂସଦ ପ୍ରାର୍ଥୀ ଐର ଖାରବେଳ ସ୍ୱାଇଁ, ଅଭିନେତ୍ରୀ ପିଙ୍କି ପ୍ରଧାନ, ମୟୂରଭଞ୍ଜ ଜିଲ୍ଲା ସାଂସଦ ପ୍ରାର୍ଥୀ ଇଂ ବିଶେଶ୍ୱର ଟୁଡୁ, ସାରସକଣା ବିଧାୟକ ପ୍ରାର୍ଥୀ ବୁଢାନ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ।





ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭା

ଭାଜପା ନେତାମାନେ କେନ୍ଦ୍ରରେ ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ। ବିଜେଡି ସରକାର ଚିଟ୍‌ଫଣ୍ଡ ଠକ ଓ ଗୁଣ୍ଡା ନେତା ମାନଙ୍କୁ ନିଜ ଦଳରେ ଆଶ୍ରୟ ଦେଉଥିବା ବେଳେ ନବୀନ ସରକାର ଓଡିଶାବାସୀଙ୍କୁ କାଙ୍ଗାଳ କରିଦେଇଛନ୍ତି ବୋଲି ଖାରବେଳ ସ୍ୱାଇଁ କହିଥିଲେ। ସେହିପରି ଅଭିନେତ୍ରୀ ପିଙ୍କି ପ୍ରଧାନ ନବୀନ ବିରୋଧୀ ଗୀତ ଗାଇଥିବା ବେଳେ ବର୍ତ୍ତମାନ ବିପୁଳ ମାତ୍ରାରେ ପଦ୍ମ ଚିହ୍ନରେ ଭୋଟ ଦେଇ ପରିବର୍ତ୍ତନ ଆଣି ବିକାଶର ଡବଲ ଇଞ୍ଜିନ ଲଗାଇବାକୁ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ। ସେହିପରି ଜୁଏଲ ଓରାମ ରାଜ୍ୟ ସରକାରଙ୍କୁ ଭ୍ରଷ୍ଟାଚାର ସରକାର କହି ସିଧାସଳଖ ଭାବରେ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ।

ଏଥିରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ବିଶୋଇ ମଣ୍ଡଳର ୩୩ ଓ ୩୪ ନଂ ଜିଲ୍ଲା ପରିଷଦ ସଦସ୍ୟ ନାନିକା ନାଏକ ଓ ଗୁରୁବା ମୁର୍ମୁ, ଜୁରିଲାଲ ମହାନ୍ତ, ବିଶୋଇ ବ୍ଲକ ଭାଜପା ସଭାପତି ବଂଶୀଧର ଦାଶ, ସୁନିତା ଲତା ମାଝୀ, ଡ଼ମାନ ମୁର୍ମୁ, ଅମରଦୀପ ନନ୍ଦ, ରଞ୍ଜନ କବାଟ, ଆନନ୍ଦ ରାମ, ବିବେକାନନ୍ଦ ଦାସ ଓ ଲମ୍ୱୋଦର ତୁଙ୍ଗଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ନିରଞ୍ଜନଙ୍କ ରୋଡ୍ ଶୋ

**ଭଣ୍ଡାରିପୋଖରୀ, ୨୬।୪ (ଡି.ଏନ.ଏ.)**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ପିସିସି ସଭାପତି ତଥା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ରୋଡ୍ ଶୋ କରିଛନ୍ତି। ସେ ବାଇକ୍ ଶୋଭାଯାତ୍ରାରେ ଯାଇ ବିଭିନ୍ନ ପଞ୍ଚାୟତର କର୍ମୀଙ୍କୁ ଭେଟିଥିଲେ। ସେ ବିଷ୍ଣୁପୁର ପଞ୍ଚାୟତରୁ ଶୋଭାଯାତ୍ରାରେ ବାହାରି ଜଳମଣ୍ଡୁଆ, ନିର୍ଗୁଣ୍ଡି, ନଗୁଆ, ସରସଦା, ରହଣିଆ, ମାଳଦା, ଷୋଳମପୁର ଓ ବାଲିପୋଖରୀ ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ତାଙ୍କ ସହ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ନେତା ସୁବ୍ରତ ଦାସ, ଜୋନ୍ ସଭାପତି ପ୍ରଶାନ୍ତ ସାହୁ, ଅଜୟ ସାହୁ, ପୀତାମ୍ବର ନାୟକ, ବ୍ଲକ ଅଧକ୍ଷା ମଞ୍ଜୁଶ୍ରୀ ବେହେରା, ବିକାଶ ସାମଲ, ନରନାରାୟଣ ଜେନା, ଗୋଲକ ଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ମହାପାତ୍ର, ଜିଲ୍ଲା କଂଗ୍ରେସ ମହିଳା ସଭାନେତ୍ରୀ ସବିତା ଚନ୍ଦ, ବିଜୟ ଶଙ୍କର ମହାନ୍ତି ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ରୋଡ୍ ଶୋରେ ପ୍ରଚାର କରୁଛନ୍ତି ନିରଞ୍ଜନ ପଟ୍ଟନାୟକ।

# ବିଜେଡିର ମିଶ୍ରଣ ପର୍ବ

**ତିହିଡ଼ି, ୨୬।୪ (ଡି.ଏନ.ଏ.)**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ତିହିଡ଼ି ବ୍ଲକ ଅଧୀନ ବାରସର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟଙ୍କ ଉପସ୍ଥିତିରେ ଅନ୍ୟ ଦଳର କର୍ମୀମାନେ ବିଜେଡିରେ ଯୋଗଦେଇଛନ୍ତି। ଏହି ପଞ୍ଚାୟତ ଅଧୀନ ନୂଆବନ୍ଧ ଗ୍ରାମର ଦଶରଥ ଦାସ, ସୁରେଶ ପରିଡ଼ା, ଗୋପାଳ ପରିଡ଼ା, ଗୟାଧର ପରିଡ଼ା, ଟୁକୁ ମହାକୁଡ଼, ଗଗନ ନାୟକ, ସାପକାଟିଆ ଗ୍ରାମର ପୁରୁଷୋତ୍ତମ ଦାସ, ଉଦୟ ଦାସ, ଶତ୍ରୁଘ୍ନ ଦାସଙ୍କ ସମେତ ୧୦ଜଣ, ଚକରାସାହି ଗ୍ରାମର ପ୍ରଦୀପ ନାୟକ, ପ୍ରତାପ ନାୟକ, ମନୋରଞ୍ଜନ ନାୟକ, କାମେଶ୍ୱର ନାୟକଙ୍କ ସମେତ ୧୪ ଜଣ ବିଜେଡିରେ ସାମିଲ ହୋଇଛନ୍ତି। ପ୍ରାର୍ଥୀ ବ୍ୟୋମକେଶ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବିଜେଡି ନେତା ବିପିନ ରାଉତ, ଯୁବ ବାହିନୀ ସଭାପତି ନୀଳମଣି ମାଝି, କେଦାର ମହାପାତ୍ର, ପ୍ରଦୀପ ମିଶ୍ର, ନୃସିଂହ ମହାକୁଡ଼, ଗୋପୀନାଥ ବାରିକ, ଚନ୍ଦ୍ରଶେଖର ମହାପାତ୍ର, ଦେବେନ୍ଦ୍ର ଦାସ ଓ ଦିଲୀପ ଗୋଥ ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

# ଉଦଳାରେ ମତଦାନ ପାଇଁ ପ୍ରସ୍ତୁତି

**ଉଦଳା, ୨୬।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଲୋକ ସଭା ଆସନ ଅନ୍ତର୍ଭୁକ୍ତ (୩୧-ଏସ୍.ଟି) ଉଦଳା ବିଧାନସଭା ନିର୍ବାଚନମଣ୍ଡଳୀରେ ଆଗାମୀ ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ। ମୋଟ ୨୪୨ ବୁଥରେ ନିର୍ବାଚନ କରାଯିବା ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ରିଟର୍ନିଂ ଅଧିକାରୀ ଦାୟିତ୍ୱରେ ଥିବା କପ୍ତିପଦା ଉପଜିଲାପାଳ ଭଗବାନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ଆନୁଷଙ୍ଗିକ ସମସ୍ତ ପ୍ରକ୍ରିୟା ପରିଚାଳିତ ହେଉଛି। ଏଥାରଓ ଭାବେ ଗୋପବନ୍ଧୁନଗର ତହସିଲଦାର ସଙ୍କଳ୍ପ ସ୍ୱସ୍ତିକ ସାହୁ ଏବଂ ଉଦଳା ତହସିଲଦାର ମନୀଷା ମଧୁଲିକା ହେମ୍ବ୍ରମଙ୍କ ସହ ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଚନ୍ଦ୍ରଜିତ୍ ବେହେରା ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି। ୨ ଲକ୍ଷ ୭୭ ହଜାର ୩୯୩ ଜନସଂଖ୍ୟା ବିଶିଷ୍ଟ ଉଦଳା ନିର୍ବାଚନମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟା ୧ଲକ୍ଷ ୯୨ ହଜାର ୫୪୧ ମଧ୍ୟରେ କପ୍ତିପଦା ବ୍ଲକର ୮୭ ବୁଥ୍‌ର ୬୯ ହଜାର ୫୩୯, ଉଦଳା ବ୍ଲକର ୬୮ ବୁଥ୍‌ର ୫୬ ହଜାର ୯୮୫, ଗୋପବନ୍ଧୁନଗରର ୭୮ ବୁଥର ୫୮ ହଜାର ୩୨୨, ଉଦଳା ଏନଏସିର ୯ ଗୋଟି ବୁଥ୍‌ର ୭ ହଜାର ୬୯୫ ଭୋଟର ଅଛନ୍ତି। ୨୨ଟି ବୁଥ୍‌ରେ ୧୨ଶହରୁ ଅଧିକ ଭୋଟର ରହିଛନ୍ତି। ୨୩୭ ନମ୍ବର ମାଙ୍କଡପଡା ବୁଥ୍‌ରେ ସର୍ବାଧିକ ୧ ହଜାର ୪୦୯ ଏବଂ ୧୫୫ନଂ ବୁଥ୍ ଭୀମତାଳି ନୋଡାଲ ୟୁପିର ସର୍ବନିମ୍ନ ୨୧୪ ଜଣ ଭୋଟର ରହିଛନ୍ତି। କପ୍ତିପଦା ବ୍ଲକର ୧୬୩ ତଳିଆ ପ୍ରକଳ୍ପ ୟୁପି, ୨୦୬ କପ୍ତିପଦା ସରକାରୀ ଏମଇ, ୨୨୪ ଜଡିଦା ପିଏସ୍, ଜିବିନଗରର ୭୫ ଖୁଣ୍ଟା ଏମଇ, ୮୦ ବାଲିଡିହା ସେବାଶ୍ରମ, ୮୨ ଟାଙ୍ଗଣା ନୋଡାଲ, ଉଦଳା ବ୍ଲକର ୧୫ ବିପ୍ରଚରଣ ସରକାରୀ ବିଦ୍ୟାପୀଠ, ଶ୍ରୀଦାମଚନ୍ଦ୍ରପୁର, ୪୧ ବହୁବନ୍ଧ ଆଶ୍ରମ ସ୍କୁଲ, ୧୪୫ ପ୍ରଫୁଲ୍ଲଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟ, ଉଦଳା ଏନଏସିର ୫୩ ମେଣ୍ଢାଖାଇ ୟୁଜି ଏମଇ(କ) ସମୁଦାୟ ୧୦ ଗୋଟି ବୁଥକୁ ଆଦର୍ଶ ବୁଥ୍ କରାଯାଇଛି। ଉଦଳା କଲେଜ ପରିସରରେ ୨୭ ତାରିଖ ଦିନ ପୋଲିଂ ଦଳମାନଙ୍କୁ ଇଭିଏମ୍ ଏବଂ ଅନ୍ୟାନ୍ୟ ପୋଲିଂ ଆସବାବପତ୍ର ବିତରଣ କରାଯିବ। ସେଥିପାଇଁ ୩୦ରୁ ଅଧିକ କାଉଣ୍ଟର, ପ୍ରେକ୍ଷାଳୟ ଆଦି ପ୍ରସ୍ତୁତ କରାଯାଇଛି। ବିଭିନ୍ନ ବୁଥ୍‌କୁ ପୋଲିଂ ଦଳ ପଠାଇବା ପାଇଁ ୯୯ ଗୋଟି ଯାନବାହନର ବ୍ୟବସ୍ଥା କରାଯାଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସବରେଜିଷ୍ଟ୍ରାର ପରମାନନ୍ଦ ଖଣ୍ଡେଇ, ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ରଙ୍କ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ନିର୍ବାଚନ ପରିଚାଳନାରେ ସହଯୋଗ କରୁଛନ୍ତି।

# ଯଶୀପୁର ସଭାରେ ହେମନ୍ତ ସୋରେନ



ନିର୍ବାଚନୀ ସଭାରେ ହେମନ୍ତ ସୋରେନ।

**ଯଶୀପୁର, ୨୬।୪ (ଡି.ଏନ.ଏ)**

ମୟୂରଭଞ୍ଜ ଜେଏମଏମ ଲୋକ ସଭା ପ୍ରାର୍ଥିନୀ ଅଞ୍ଜନୀ ସୋରେନଙ୍କ ପାଇଁ ତାଙ୍କ ଭାଇ ତଥା ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶୁକ୍ରବାର ଯଶୀପୁର ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ପ୍ରଚାର କରିଛନ୍ତି। ମାହାର୍ଦ୍ଦାପଳସା ମିନି ଷ୍ଟାଡିୟମଠାରେ ଆୟୋଜିତ ନିର୍ବାଚନୀ ସଭାରେ ହେମନ୍ତ ଯୋଗଦେଇ ଲୋକ ସଭା ପ୍ରାର୍ଥିନୀ ଓ ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ନାଏକଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଜେଏମଏମକୁ ଭୋଟ ଦେଲେ ମୟୂରଭଞ୍ଜ ଜିଲା ଆଦିବାସୀଙ୍କ ବିକାଶ ହେବ ବୋଲି କହିଥିଲେ। ଏହି ନିର୍ବାଚନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ଚିତ୍ତ ବେହେରା, ପାଞ୍ଚପୀଢ ସଭାପତି ଭୀମ ନାୟକ, ପ୍ରକାଶ ମହାନ୍ତି, ନବୀନ ବାରିକ, ଅସିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ଗୋବିନ୍ଦ ସୋରେନ ସଭା ପରିଚାଳନା କରିଥିଲେ।

# ବିଷ୍ଣୁବ୍ରତଙ୍କ ପାଇଁ ପ୍ରଚାର କଲେ ଲିପ୍ସା

**ତିହିଡ଼ି, ୨୬।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୯ ପଞ୍ଚାୟତରେ ଶୁକ୍ରବାର ବିଜେଡିର ରୋଡ୍ ଶୋ ଓ ବାଇକ୍ ଶୋଭାଯାତ୍ରା କରାଯାଇଛି। ରୋଡ୍ ଶୋରେ ଅଭିନେତ୍ରୀ ଲିପ୍ସା ମିଶ୍ର ଯୋଗଦେଇ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ପାଇଁ ପ୍ରଚାର କରିବା ସହ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ୫ମ ଥର ଲାଗି ମୁଖ୍ୟମନ୍ତ୍ରୀ କରିବାକୁ କହିଥିଲେ। ଅଚକ ପଞ୍ଚାୟତର ନନ୍ଦପୁର ବଜାରରୁ ଶୋଭାଯାତ୍ରା ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲା। ବଡ଼ଗାଲୋ, ଗୋଳାପୋଖରୀ, କୋହ୍ଲ, କମାରିଆ, ସିନ୍ଦୋଳ ଓ ବିନ୍ଧା ବଜାରରେ ମହିଳାମାନେ ପ୍ରାର୍ଥୀ ବିଷ୍ଣୁବ୍ରତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ବିଜୟ ନାୟକ, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ବିଷ୍ଣୁବ୍ରତଙ୍କ ଭାଇ ଦୁର୍ଗାଦତ୍ତ ରାଉତରାୟ, ସରପଞ୍ଚ କୀର୍ତ୍ତନ ରାଉତ, ବୈକୁଣ୍ଠ ପାଣି ଓ ବିପିନ ବେହେରା, ସମିତିସଭ୍ୟ ସଂଗ୍ରାମ ଦାସ ଓ ସୌମ୍ୟରଞ୍ଜନ ପରିଡ଼ା, ଯୁବ ବିଜେଡି ଜିଲା ସମ୍ପାଦକ ଦେବଦର୍ଶନ ନାୟକ, ବ୍ଲକ ସଭାପତି ଉତ୍ତମ ମହାପାତ୍ର, ସରପଞ୍ଚ ପ୍ରତିନିଧି ନିତ୍ୟାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ବିଷ୍ଣୁ କୁଅଁର, ଜିଲାପରିଷଦ ସଭ୍ୟା ରୀତାଞ୍ଜଳି ପାତ୍ର, ବିଷ୍ଣୁବ୍ରତଙ୍କ ସ୍ତ୍ରୀ ଋତୁପର୍ଣ୍ଣା ସ୍ରୋତସ୍ୱିନୀ, ଦୀପୁ ନାୟକ, ଗଣେଶ ନାୟକ, କୈଳାସ ବେହେରାଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯାଇଥିଲା।



ରୋଡ୍ ଶୋରେ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ଅଭିନେତ୍ରୀ ଲିପ୍ସା ମିଶ୍ର।

# ପ୍ରଚାରକୁ ଓହ୍ଲାଇଲେ ବିଧାୟକ ପ୍ରାର୍ଥୀଙ୍କ ପତ୍ନୀ

**ଖଇରା, ୨୬।୪ (ଡି.ଏନ.ଏ.)**

ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଘମାଘୋଟ ଲଢ଼େଇ ଆରମ୍ଭ ହୋଇଯାଇଛି। ବର୍ତ୍ତମାନର ବିଧାୟକ ତଥା ବିଜେଡିରୁ ୨ଥର ପାଇଁ ପ୍ରାର୍ଥୀ ହୋଇଥିବା ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗାଁ ଗାଁ ଗଳିକନ୍ଦି ବୁଲି ପ୍ରଚାର ଆରମ୍ଭ କରି ଥିବାବେଳେ ତାଙ୍କ ପତ୍ନୀ ଭାରତୀ ପାଣିଗ୍ରାହୀ ମଧ୍ୟ ସ୍ୱାମୀଙ୍କ ପାଇଁ ଅଣ୍ଟା ଭିଡିଛନ୍ତି।



ଖଇରା ବଜାରରେ ନିଜ ସ୍ୱାମୀଙ୍କ ସହ ପ୍ରଚାର କରୁଛନ୍ତି ଭାରତୀ ପାଣିଗ୍ରାହୀ।

୨୩ତାରିଖ ସନ୍ଧ୍ୟାରେ ସେ ପ୍ରଥମେ ନିଜ ସ୍ୱାମୀଙ୍କ ସହ ଖଇରା ବଜାରର ସମସ୍ତ ବ୍ୟବସାୟୀଙ୍କୁ ଭେଟି ପୁଣି ଥରେ ତାଙ୍କ ସ୍ୱାମୀଙ୍କୁ ଭୋଟ୍ ଦେଇ ଜିତାଇବାକୁ ଅନୁରୋଧ କରିଛନ୍ତି। ଜ୍ୟୋତି ପାଣିଗ୍ରାହୀଙ୍କ ଉଦ୍ୟମରେ ଖଇରାରେ ଷ୍ଟ୍ରିଟଲାଇଟ ବ୍ୟବସ୍ଥା, ଖଇରା-କୁପାରୀକୁ ୪ ଲାଇନ ରାସ୍ତା ଭାବେ ନିର୍ମାଣ କରିବା, ବିଶ୍ରାମାଗାର ନିର୍ମାଣ ଭଳି ଉନ୍ନୟନମୂଳକ କାମ ସମ୍ପର୍କରେ କହି ପୁଣି ଥରେ ବାକି ଉନ୍ନୟନ ମୂଳକ କାମକୁ ଆଗେଇ ନେବାକୁ ଆଉ ଥରେ ସଯୋଗ ଦେବାକୁ ମଧ୍ୟ ଅନୁରୋଧ କରିଥିଲେ। ସେହିଭଳି ୨୫ତାରିଖରେ ବରଦା ପଞ୍ଚାୟତରେ ନିଜର କିଛି ଅନଗତଙ୍କୁ ସାଙ୍ଗରେ ଧରି ଗଳିକନ୍ଦି ବୁଲି ଭୋଟ ଭିକ୍ଷା କରିଥିଲେ। ୨ଦିନ ଧରି ସିମୁଳିଆ ବ୍ଲକରେ ମଧ୍ୟ ପ୍ରଚାର କରି ୫ବର୍ଷ ମଧ୍ୟରେ ବିଜେଡି ସରକାର ଅମଳରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ

## କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପରେ ବଢିଛି ଉତ୍ସାହ

**ଚାନ୍ଦବାଲି, ୨୬।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ବାଇକ୍ ରାଲି, ରୋଡ୍ ଶୋ, କର୍ମୀ ସମ୍ମିଳନୀ ଓ ଗାଁକୁ ଗାଁ ବୁଲି ପ୍ରଚାର ଗାଡି ମାଧ୍ୟମରେ ନିଜ ନିଜର ପ୍ରଚାରରେ ଲାଗିପଡ଼ିଛନ୍ତି ସବୁ ଦଳର ନେତା। ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଏଠାକୁ ଆଣି ଦଳୀୟ ସମାବେଶ କରାଇଛି ଭାଜପା। ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଚାନ୍ଦବାଲି ଦୁର୍ଗାପଡ଼ିଆରେ ଏବଂ ଶୁକ୍ରବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ନିର୍ବାଚନ ମଣ୍ଡଳୀର ପୀରହାଟ କାନପୁରଠାରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଛନ୍ତି। ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପାର ନେତା ଓ କର୍ମୀ ମହଲରେ ଉତ୍ସାହ ଦେଖାଯାଇଛି। ଏଥିସହ ସାଳନ୍ଦୀ ଓ ମନ୍ତେଇ ନଦୀରେ ପୋଲ ନିର୍ମାଣ ଏବଂ ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ କାମ କରିବେ ବୋଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଭୋଟରଙ୍କୁ ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳିଛି।

## ଧୂଷୁରୀରେ ଭାଜପାର ବିଜୟ ସଂକଳ୍ପ ସମାବେଶ
# ‘ସରକାର ପରିବର୍ତ୍ତନ ନିଶ୍ଚିତ’

**ଧାମନଗର, ୨୬।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ଧୂଷୁରୀ ବାସନ୍ତୀ ପଡ଼ିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ୍ ଓରାମ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ ଅପାରଗ ନବୀନ ସରକାରଙ୍କ ଯିବାର ସମୟ ଆସିଯାଇଛି ବୋଲି କହିଥିଲେ। ଚଳିତ ସାଧାରଣ ନିର୍ବାଚନରେ ସରକାର ପରିବର୍ତ୍ତନ ନିଶ୍ଚିତ। ଏଣୁ ରାଜ୍ୟ ଭାଜପାର ଜଣେ ଟାଣୁଆନେତା ଭାବେ ପରିଚିତ ଧାମନଗର ବିଧାୟକ ପ୍ରାର୍ଥୀ ବିଷ୍ଣୁ ସେଠୀ ଓ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କୁ ଭୋଟ ଦେଇ ଜିତାଇବାକୁ ମନ୍ତ୍ରୀ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଓ ରାଜ୍ୟ ନାରୀନେତ୍ରୀ ପିଙ୍କି ପ୍ରଧାନ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଜିଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ ଯୋଗଦେଇ ବିଜେଡିର ଜଣେ ନେତାଙ୍କର ବିଷ୍ଣୁଙ୍କ ପ୍ରତି ବିଶ୍ୱାସଘାତକତା ମହଙ୍ଗା ପଡ଼ିବ ବୋଲି ବକ୍ତବ୍ୟ ରଖିଥିଲେ। ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ ରାଜ୍ୟରେ ନବୀନ ସରକାରଙ୍କ ଅଫିସରମାନଙ୍କ ରାଜ୍ ଚାଲିଛି ବୋଲି କହିଥିଲେ। ବିଧାୟକ ପ୍ରାର୍ଥୀ ବିଷ୍ଣୁ ତାଙ୍କ ବକ୍ତବ୍ୟରେ କହିଥିଲେ, ସେ ଏକ ଦଶନ୍ଧି ଧରି ଧାମନଗରବାସୀଙ୍କ ସହିତ ସୁଖଦୁଃଖରେ ଠିଆ ହୋଇଛନ୍ତି। ଦୁଇଥର ସେ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିବାବେଳେ ଚଳିତ ନିର୍ବାଚନରେ ତାଙ୍କୁ ଭୋଟର ନିଶ୍ଚିତ ଭାବେ ଆଶୀର୍ବାଦ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଅଶୋକ କୁମାର ପୁହାଣ ଏଥିରେ ଅଧକ୍ଷତା କରିଥିଲେ। ଅଭିନେତ୍ରୀ ନିଲୁ, ଚତୁର୍ଭୁଜ ନାୟକ, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ସୁରତ ସେଠୀ, ଉମାମଣି ସାହୁ, ଜିଲା ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠନାଥ ସାହୁ ପ୍ରମୁଖ ସମାବେଶରେ ଯୋଗ ଦେଇଥିଲେ।





ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ଅନ୍ୟମାନେ।

## ସଂକ୍ଷେପରେ

### ଭାଜପାର ବିଜୟ ସଂକଳ୍ପ ସମାବେଶ




ବସ୍ତା, ୨୬।୪(ସ୍ୱ.ପ୍ର.): ସିଂଲା ଥାନା ଅନ୍ତର୍ଗତ ସାର୍ଥାର ନୁଣକୁଣ୍ଡିଠାରେ ଶୁକ୍ରବାର ଭାଜପାର ଏକ ବିଜୟ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ବହୁ ହେଭିୱେଟ୍ ନେତା ଯୋଗଦେଇଥିବା ବେଳେ ଷ୍ଟାର ପ୍ରଚାରକ ଭାବେ ପିଙ୍କି ପ୍ରଧାନ ମଧ ଯୋଗଦେଇ ବକ୍ତବ୍ୟରେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଆଣିବା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଜୁଏଲ ଓରାମ, ଖାରବେଳ ସ୍ୱାଇଁ, ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ପ୍ରାର୍ଥୀ ମଦନମୋହନ ଦତ୍ତ ଓ ଲୋକନାଥ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ସାର୍ଥା ଭଳି ଉପାନ୍ତ ଅଞ୍ଚଳରେ ଏହି ସଂକଳ୍ପ ସମାବେଶ ଦଳକୁ ବେଶ ମଜଭୁତ କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ବୁଥ୍ ରିଗିଂ ଅଭିଯୋଗ: ଆକ୍ରମଣର ଶିକାର ଯୁବକ ଥାନାର ଦ୍ୱାରସ୍ଥ

ଆନନ୍ଦପୁର, ୨୬।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ଘସିପୁରା ଥାନା ଖଡିବିଲ୍ ଗ୍ରାମର ଯୁବକ ନରେନ୍ଦ୍ର ଯେନା ଗତ ୨୩ ତାରିଖରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ରିଗିଂ ଓ ଆକ୍ରମଣର ଶିକାର ହୋଇ ଭୋଟ ଦେଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ସେ ଏ ସମ୍ପର୍କରେ ଗତ ୨୪ ତାରିଖରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏହାର ତଦନ୍ତ କରୁଛି। ନରେନ୍ଦ୍ରଙ୍କୁ କେତେକ ସ୍ଥାନୀୟ କେତେକ ଯୁବକ ଗାଳି ଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସେ ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ୬ ଜଣଙ୍କ ନାଁରେ ଏକ ମାମଲା (ନଂ. ୬୪/୨୦୧୯) ରୁଜୁ କରି ଖଡିବିଲ୍ ଗ୍ରାମକୁ ଯାଇ ତଦନ୍ତ କରିଥିବା ଜଣାପଡିଛି।

### ବିଦ୍ୟୁତ ସଂସ୍ପର୍ଶରେ ଡ୍ରାଇଭର ଅର୍ଦ୍ଧଦଗ୍ଧ

ଯୋଡ଼ା, ୨୬।୪(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡା ବ୍ଲକ ଦେଓଝରସ୍ଥିତ ଭାଗଲପୁର ରେଳଷ୍ଟେଶନ ନିକଟରେ ଗୁରୁବାର ସନ୍ଧ୍ୟାରେ ମୁନା ହୋ ନାମକ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ଅର୍ଦ୍ଧଦଗ୍ଧ ହୋଇଛନ୍ତି। ତାଙ୍କ ଘର ମୟୂରଭଞ୍ଜ ଜିଲା ଯଶୀପୁର ଧୋବାଡିହା ଅଞ୍ଚଳରେ। ସେ ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସନ୍ଧ୍ୟାରେ ବିଲେଇପଦାସ୍ଥିତ ମୁର୍ଗା ରେଳଷ୍ଟେଶନ ନିକଟସ୍ଥ ଭାଗଲପୁର ରେଳଧାରଣା ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଚଢିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଶରୀରର ଶତକଡା ୫୦ ଭାଗ ପୋଡ଼ିଯାଇଥିଲା। ସ୍ଥାନୀୟ ଲୋକେ ବିଲେଇପଦା ଅଗ୍ନିଶମ ବିଭାଗକୁ ଖବରଦେବା ପରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ଆହତ ମୁନାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମୁନା ବିଦ୍ୟୁତ ଖୁଣ୍ଟରେ ଚଢିବାର କାରଣ ଜଣାପଡିନାହିଁ।

### ବରିଷ୍ଠ ଭାଜପା ନେତାଙ୍କ ପରଲୋକ

ଆନନ୍ଦପୁର,୨୬।୪(ସ୍ୱ.ପ୍ର.): ଆନନ୍ଦପୁରର ବରିଷ୍ଠ ଭାଜପା ନେତା ତଥା ଆରଏସଏସର ସଂଗଠକ ହେମନ୍ତ କୁମାର ଜେନା(୬୧)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇ ଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଆନନ୍ଦପୁର ୭ ନଂ ୱାର୍ଡ଼ ଆଳିଆସାହି ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବୈତରଣୀ ନଦୀ ତଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଗଣତନ୍ତ୍ରର ପର୍ବକୁ ସଫଳ କରିବାକୁ ଆହ୍ୱାନ

ବାଲେଶ୍ୱର ଅଫିସ, ୨୬।୪



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଚଳିତ ୨୦୧୯ ସାଧାରଣ ନିର୍ବାଚନ ଚତୁର୍ଥ ପର୍ଯ୍ୟାୟ ଆସନ୍ତା ୨୯ତାରିଖ ହେବାକୁ ଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଗଣତନ୍ତ୍ରର ମହାନ ପର୍ବକୁ ସଫଳ କରିବା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ରମେଶ ଚନ୍ଦ୍ର ରାଉତ ଜିଲାବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏନେଇ ଏକ ଖବରଦାତା ସମ୍ମିଳନୀରେ ଜିଲାର ସମସ୍ତ ପ୍ରାର୍ଥୀଙ୍କ ସଂଖ୍ୟା, ବିଧାନସଭା ଓ ଲୋକସଭା କ୍ଷେତ୍ରର ମୋଟ ଜନସଂଖ୍ୟା, ନିର୍ବାଚନରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ବିଭିନ୍ନ ସୂଚନା ପ୍ରଦାନ କରିଛନ୍ତି।

ବାଲେଶ୍ୱର ସଂସଦୀୟ ନିର୍ବାଚନମଣ୍ଡଳୀ ପାଇଁ ମୋଟ ୧୨ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ୯, ଭୋଗରାଇରେ ୮, ବସ୍ତାରେ ୧୦, ବାଲେଶ୍ୱର ସଦରରେ ୧୨, ରେମୁଣାରେ ୭, ନୀଳଗିରିରେ ୯, ସୋରରେ ୬, ସିମୁଳିଆ ନିର୍ବାଚନମଣ୍ଡଳୀରେ ୫ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ବସ୍ତା ଓ ବାଲେଶ୍ୱର ନିର୍ବାଚନମଣ୍ଡଳୀ ପାଇଁ ଉତ୍କଳ ବାଳାଶ୍ରମ, ଜଳେଶ୍ୱର ଓ ଭୋଗରାଇ ନିର୍ବାଚନମଣ୍ଡଳୀ ପାଇଁ ଖ୍ରୀଷ୍ଟିଆନ୍ ହାଇସ୍କୁଲ, ସୋର ଓ ରେମୁଣା ନିର୍ବାଚନମଣ୍ଡଳୀ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ସିମୁଳିଆ ନିର୍ବାଚନମଣ୍ଡଳୀ ପାଇଁ ବାଲେଶ୍ୱର ସରକାରୀ ଆଇଟିଆଇ, ନୀଳଗିରି ନିର୍ବାଚନମଣ୍ଡଳୀ ପାଇଁ ନୀଳଗିରି କେସି ହାଇସ୍କୁଲଠାରେ ବିତରଣ/ଗ୍ରହଣ କେନ୍ଦ୍ର ଖୋଲାଯାଇଛି। ନିର୍ବାଚନ ପାଇଁ ବ୍ୟବହୃତ ଯାନବାହନଗୁଡ଼ିକ ଗତ ଏପ୍ରିଲରୁ ୨୫ ଆଇଟିଆଇ ଏବଂ କୁରୁଡ଼ା ପଡ଼ିଆଠାରେ ରିପୋର୍ଟ କରିଛନ୍ତି। ସେମାନଙ୍କୁ ବିଭିନ୍ନ ନିର୍ବାଚନମଣ୍ଡଳୀ ନିମନ୍ତେ ନିୟୋଜିତ କରାଯାଇଛି। ପୋଲିଂ ଅଧିକାରୀ ଓ କର୍ମଚାରୀମାନଙ୍କ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଗତ ଏପ୍ରିଲ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ସମ୍ପ୍ରତି ୪ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ୨ଜଣ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ଜଣେ ପୋଲିସ ପର୍ଯ୍ୟବେକ୍ଷକ ରହିଛନ୍ତି। ସେମାନେ ନିରନ୍ତର ଭାବେ ଜିଲାରେ ଚାଲିଥିବା ୩ ଦିନିଆ ନିର୍ବାଚନ ପ୍ରସ୍ତୁତି ଉପରେ ନଜର ରଖିବା ସହ ଏହାର ନିୟମିତ ନିରୀକ୍ଷଣ କରୁଛନ୍ତି। ୧୨୧ଜଣ ଅଣୁ ପର୍ଯ୍ୟବେକ୍ଷକଙ୍କୁ ବିଭିନ୍ନ ବୁଥ୍‌ରେ ନିୟୋଜିତ କରାଯାଇଛି। ଫ୍ଲାଇଂ ସ୍କ୍ୱାଡ୍ ଷ୍ଟାଟିକ୍ ସର୍ଭିଲେନ୍ସ ଟିମ୍, ଭିଡ଼ିଓ ସର୍ଭିଲେନ୍ସ ଟିମ୍, ଭିଡଇଙ୍ଗ ଟିମ୍, ସରକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ଆକାଉଣ୍ଟିଂ ଟିମ୍ ନିଜ ନିଜର କାର୍ଯ୍ୟ କରୁଛନ୍ତି। ଇଭିଏମ୍/ଭିଭିପାଟ୍ କମିଶନିଂ କାର୍ଯ୍ୟ ଶେଷ ହୋଇଛି ଏବଂ ସେଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ନିର୍ବାଚନକୁ ସହଜ ଏବଂ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଥିଲା। ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ସସ୍ମିତ ନାୟକ, ସହକାରୀ ଜିଲା ନିର୍ବାଚନ ଅଧିକାରୀ ମନୋଜ କୁମାର ସେନାପତି ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାଷ ନିଆଲ ଉପସ୍ଥିତ ଥିଲେ।

# କେନ୍ଦ୍ରରେ ସରକାର ଗଢ଼ିବ ତୃତୀୟ ସାମ୍ମୁଖ୍ୟ: ଶ୍ରୀକାନ୍ତ

ଭୋଗରାଇ, ୨୬।୪(ଡି.ଏନ.ଏ.)

ଦେଶରେ ଭାଜପା, କଂଗ୍ରେସ ଓ ରାଜ୍ୟରେ ବିଜେଡି ସରକାର ଶୋଷଣ କରିବା ନିମନ୍ତେ ନିର୍ବାଚନୀ ବୈତରଣୀ ପାର ହେବାକୁ ମସୁଧା କରୁଛନ୍ତି। ଏଭଳି ସ୍ଥିତିରେ ଦେଶ ସହ ରାଜ୍ୟରେ ଗରିବ ଓ ଅବହେଳିତ ଲୋକଙ୍କ ପାଇଁ କେନ୍ଦ୍ରରେ ତୃତୀୟ ସାମ୍ମୁଖ୍ୟର ନେତୃତ୍ୱ ନେଉଥିବା ବିଏସ୍‌ପି ନେତ୍ରୀ ମାୟାବତୀଙ୍କ ଭୋଗରାଇ ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ନଳିନୀ କୁମାର ଜେନାଙ୍କୁ ଭୋଟ୍ ଦେଇ ବିଜୟୀ କରିବାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଥାନା ଛକ ଏବଂ ଗୁରୁବାର କମର୍ଦ୍ଦାଠାରେ ଅନୁଷ୍ଠିତ ସାଧାରଣ ସଭାରେ ସେ ଯୋଗଦେଇ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଭିକ୍ଷା କରିଛନ୍ତି।

କେନ୍ଦ୍ର ଓ ରାଜ୍ୟରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ପାଇବାର ସମ୍ଭାବନା ନ ଥିବା ବେଳେ ମାୟାବତୀଙ୍କ ନେତୃତ୍ୱରେ କେନ୍ଦ୍ରରେ ତୃତୀୟ ସାମ୍ମୁଖ୍ୟ ସରକାର ଗଢ଼ିବ ବୋଲି ଜେନା ଭବିଷ୍ୟବାଣୀ ଶୁଣାଇଛନ୍ତି। ଜେନା ରାଜ୍ୟ କଂଗ୍ରେସ ନେତାମାନଙ୍କଠାରେ ପରାଜୟର ହତାଶ ଭାବ ଆଜିଠୁ ବାରି ହୋଇପଡୁଛି ବୋଲି କହିଥିଲେ। ସାଧାରଣ ସଭାରେ ପୂର୍ବତନ ବିଏସ୍‌ପି ରାଜ୍ୟ ସଭାପତି ଅକ୍ଷୟ ମଲ୍ଲିକ, ରାଜ୍ୟ ପ୍ରଭାରୀ ଛଟୁ ରାମ, ପୂର୍ବତନ ବିଧାୟକ କୃଷ୍ଣକାନ୍ତ ସଗରିଆ, ଦେବୀପ୍ରସନ୍ନ ଚଣ୍ଡ, ଭୋଗରାଇ ବିଧାୟକ ପ୍ରାର୍ଥୀ ନଳିନୀ କୁମାର ଜେନା, ଜିଲା ପ୍ରଭାରୀ ପ୍ରଭାତ ବେହେରା, ଉପସଭାପତି ଦେବବ୍ରତ ଗିରି ବିଏସ୍‌ପି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ।

# ନିର୍ବାଚନ ପାଇଁ ସିଆରପିଏଫ୍‌ର ଫ୍ଲାଗମାର୍ଚ୍ଚ

ବାଲେଶ୍ୱର/ଜଳେଶ୍ୱର, ୨୬।୪(ଡି.ଏନ.ଏ.)



ବାଲେଶ୍ୱର ସହରରେ ସିଆର୍‌ପିଏଫ୍ ଫୋର୍ସ ଦ୍ୱାରା ଫ୍ଲାଗମାର୍ଚ୍ଚ କରାଯାଉଛି।

ବାଲେଶ୍ୱର ସହରରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସିଆର୍‌ପିଏଫ୍ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଜିଲାରେ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନକୁ ଅବାଧ, ଭୟମୁକ୍ତ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ୪ ସେକ୍ସନ୍ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ପୋଲିସ ଲାଇନ ପଡ଼ିଆରୁ ଫ୍ଲାଗମାର୍ଚ୍ଚ କରି ସହର ପରିକ୍ରମା କରିଥିଲେ।

ସେହିପରି ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ୨ ସେକ୍ସନ୍ ସିଆର୍‌ପିଏଫ୍‌କୁ ନେଇ ଜଳେଶ୍ୱର ପୋଲିସ ଫ୍ଲାଗ ମାର୍ଚ୍ଚ କରାଇଛି। ଜଳେଶ୍ୱର ଥାନା ଏଏସ୍‌ଆଇ ସତ୍ୟନାରାୟଣ ବଳ ଉକ୍ତ ଫୋର୍ସକୁ ନେଇ ସହରର ଥାନାବଜାର, ବଡ଼ବଜାର, ପଞ୍ଚୁଘଣ୍ଟା, ଲକ୍ଷ୍ମଣନାଥ ପଞ୍ଚାୟତର ଗୋପ, ବିରିଶପୁର, ଲକ୍ଷ୍ମଣନାଥ, ଗୋବରଘାଟା ପଞ୍ଚାୟତର ଗୋବରଘାଟା, ଅଗ୍ରୱାଲା ଛକ, ଚନ୍ଦନା ଇତ୍ୟାଦି ୧୦ କି.ମି. ପରିବ୍ୟାପ୍ତ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରାଇଛନ୍ତି। ପ୍ରଥମେ ଏହି ଫ୍ଲାଗମାର୍ଚ୍ଚକୁ ଦେଖି ଗାଁ ଗହଳିର ଜନସାଧାରଣ ବିଶେଷ କରି ମହିଳାମାନେ ଭୟଭୀତ ହୋଇପଡିଥିଲେ। ପରେ ଏହାର ଉଦ୍ଦେଶ୍ୟ ଜାଣିବା ପରେ ଜନସାଧାରଣ ଏହାକୁ ସ୍ୱାଗତ କରିଥିଲେ।

### ଯୁବ ପଥରଶିଳ୍ପୀଙ୍କ ପରଲୋକ

ସୋର, ୨୬।୪(ଡି,ଏନ.ଏ.)

ସୋର ଥାନା ଅଧୀନ କେଶରୀପୁର ଜାମପଦା ଗ୍ରାମର ଅଜୟ ସିଂ(୨୮) ନାମକ ଜଣେ ପଥର ଶିଳ୍ପୀଙ୍କର ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ୧୦ ବର୍ଷ ହେଲା ରାଜସ୍ଥାନରେ ନାଲି ପଥର ମୂର୍ତ୍ତି କାରିଗରୀ କାମ ଠିକାଦାରଙ୍କ ଜରିଆରେ କରିଆସୁଥିଲେ। କିଛି ଦିନ ହେଲା ପଥର ଗୁଣ୍ଡରେ ଆକ୍ରାନ୍ତ ହୋଇ ସେ ଘରେ ରହି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ନାଲି ପଥର ଗୁଣ୍ଡ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ଘରକୁ ଫେରି ଆସିଥିଲେ। ସେ ଜଣେ ଗରିବ ଆଦିବାସୀ ସଂପ୍ରଦାୟରେ ହୋଇଥିବା ବେଳେ ତାଙ୍କ ରୋଜଗାର ଉପରେ ନିର୍ଭର କରୁଥିବା ବିଧବା ମା, ସ୍ତ୍ରୀ ୩ଟି ସାନ ସାନ ଝିଅ ଅଛନ୍ତି। ଖବର ପାଇ ସୋରର ବହୁ ପଥର କାରିଗର ବିକେ ଆର୍ଟସର କାରିଗର ନରେନ୍ଦ୍ର ସାମଲ ଏବଂ ଅନ୍ୟମାନେ ତାଙ୍କ ଜାମପଦା ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଗରିବ ପରିବାରଙ୍କୁ ସରକାରୀ ଭାବେ ସହାୟତା ଯୋଗାଇ ଦେବାକୁ ନିବେଦନ କରାଯାଇଛି। ଅଜୟଙ୍କୁ ମିଶାଇ ସୋର, ବାହାନଗା, ଔପଦା, ନୀଳଗିରି ଅଞ୍ଚଳରେ ପଥର ଗୁଣ୍ଡ ଆକ୍ରାନ୍ତ ହୋଇ ୨୦ଜଣଙ୍କର ମୃତ୍ୟୁ ଘଟିସାରିଛି।



ଭୋଗରାଇ ଥାନାଛକଠାରେ ଆୟୋଜିତ ସଭାରେ କଂଗେସ ମିଡ଼ିଆ ସେଲ୍‌ର ଅଧକ୍ଷ ସତ୍ୟପ୍ରକାଶ ନାୟକ ବକ୍ତବ୍ୟ ଦେଉଛନ୍ତି।

# ଭୋଗରାଇରେ କଂଗ୍ରେସର ମାରାଥନ ପ୍ରଚାର

ଭୋଗରାଇ, ୨୬।୪(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଦୀର୍ଘଦିନ ହେଲା ଛଳନାପୂର୍ଣ୍ଣ ପ୍ରତିଶ୍ରୁତି ଦେଇ ଠକି ଚାଲିଛନ୍ତି। ଚାଷୀ ଆତ୍ମହତ୍ୟା, ମଦ ବିକ୍ରି କରି ରେକର୍ଡ ସୃଷ୍ଟି କରିବା, କର୍ମ ସଂସ୍ଥାନ ନ ପାଇ ଯୁବତୀଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ଆମ ରାଜ୍ୟର ବିକାଶ ନା ବିନାଶ। କଂଗ୍ରେସ ସଦାବେଳେ ସତ୍ୟ ଓ ନ୍ୟାୟର ଭାଷା କୁହେ। ସ୍ୱାଭିମାନର ସହ ବଞ୍ଚିବା ପାଇଁ ଲଢ଼େଇ କରେ। ତେଣୁ ଚଳିତ ନିର୍ବାଚନରେ କଂଗ୍ରେସର ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଓ ଭୋଗରାଇ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ବିଜୟୀ କରିବାକୁ ପ୍ରଦେଶ କଂଗ୍ରେସ କମିଟି ମିଡ଼ିଆ ସେଲ୍‌ର ଅଧକ୍ଷ ତଥା ପୁରୀ ଲୋକ ସଭା ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ ଗୁରୁବାର ରାତିରେ ଥାନାଛକ ଓ ଚନ୍ଦନେଶ୍ୱରଠାରେ ଅନୁଷ୍ଠିତ ନିର୍ବାଚନ ସଭାରେ ନିବେଦନ କରିଛନ୍ତି। ଭୋଗରାଇ ୩୩ନଂ ଜୋନ୍‌ର କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା ଏବଂ ୩୫ ନଂ. ଜୋନ୍‌ର ବରିଷ୍ଠ କଂଗ୍ରେସ ନେତା କାହ୍ନୁଗୋପାଳ ଶତପଥୀଙ୍କ ପୌରୋହିତ୍ୟରେ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସ, ରାଜ୍ୟ ପ୍ରଦେଶ କଂଗ୍ରେସ ଉପସଭାପତି ଡ. କାର୍ତ୍ତିକେଶ୍ୱର ପାତ୍ର, ଜିଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ଭୋଗରାଇ କଂଗ୍ରେସ ଶାଖାର ସଭାନେତ୍ରୀ ମୀନାରାଣୀ ସୁର, ସଭାପତି ଆଶିଷ କୁମାର ପାତ୍ର, ବରିଷ୍ଠ ନେତା ସୁମନ୍ତ ବେହେରା, ବରେନ୍ଦ୍ର ପାତ୍ର, ମମତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଔପଦାରେ ଭାଜପାର ବାଇକ୍ ରାଲି

ଔପଦା, ୨୬।୪(ଡି.ଏନ.ଏ.)

ଔପଦା ବ୍ଲକ ବଡପୋଖରୀରୁ ଶୁକ୍ରବାର ଭାଜପାର ଏକ ବାଇକ୍ ରାଲି ବାହାରି ଔପଦା ବଜାର ପରିକ୍ରମା କରିଥିଲା। ଏହି ରାଲିରେ ୫ଶହରୁ ଊର୍ଦ୍ଧ୍ୱ ବାଇକ୍ ସାମିଲ କରାଯାଇଥିଲା। ଏଥିରେ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାନସଭା ପ୍ରାର୍ଥୀ ସୁକାନ୍ତ କୁମାର ନାୟକ ଓ ଅଭିନେତ୍ରୀ ଉଷଶ୍ରୀ ମିଶ୍ର ଯୋଗ ଦେଇ ନିଜ ସପକ୍ଷରେ ଭୋଟଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରା ଫତେପୁର ପଞ୍ଚାୟତ ପରିକ୍ରମା କରିବା ପରେ ଶେଷ ହୋଇଥିଲା। ଭାଜପା ଯୁବନେତା ଲକ୍ଷ୍ମୀକାନ୍ତ ବେହେରା, ଅଜୟ କୁମାର ପ୍ରଧାନ, ପର୍ଶୁରାମ ଲେଙ୍କା, ହରିହର ମହଲା, ବିକ୍ରମ କେଶରୀ ପାତ୍ର, ବିନୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ଯାଞ୍ଚ ବେଳେ ୨ଲକ୍ଷ ୩୫ ହଜାର ଟଙ୍କା ଜବତ

ବସ୍ତା, ୨୬।୪(ସ୍ୱ.ପ୍ର.): ବସ୍ତା ବ୍ଲକ କଣ୍ଡେଇ ଛକ ନିକଟରେ ଗୁରୁବାର ରାତି ୮ଟା ବେଳେ ଜଣେ ବ୍ୟକ୍ତିଙ୍କ କାର୍‌ରୁ ୨ଲକ୍ଷ ୩୫ ହଜାର ଟଙ୍କା ଜବତ ହୋଇଛି। ଗାନ୍ଧୀ ଛକ ଦରଡ଼ା ରାସ୍ତାର କୁଣ୍ଡେଇ ଛକ ନିକଟରେ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ନାଇକୁଡ଼ି ଗ୍ରାମର ଭାଗବତ ମହାନ୍ତିଙ୍କ କାର୍ (ନଂ ଓଡି.୦୧.ଏନ.-୪୩୩୩)ରୁ ନଗଦ ୨ଲକ୍ଷ ୩୫ହଜାର ଟଙ୍କା ଜବତ ହୋଇଛି। ସେ ବାଲେଶ୍ୱରରୁ ନିଜ ଗ୍ରାମ ନାଇକୁଡ଼ିକୁ ଯାଉଥିଲେ। ସେ ସରପଞ୍ଚଙ୍କ ସ୍ୱାମୀ ବୋଲି ଜଣାପଡ଼ିଛି। ଏତେ ପରିମାଣର ଅର୍ଥ କେଉଁଠାରୁ ଆସିଥିଲା ଅଧିକ ତଦନ୍ତ ଜାରି ରହିଛି।

## ଭଦ୍ରକ ଇଲେଭେନ ଷ୍ଟାର ଚାମ୍ପିୟନ

ସୋର,୨୬।୪(ଡି.ଏନ.ଏ.)

**କ୍ରିକେଟ୍ ଟୁର୍ନାମେଣ୍ଟ**

ବୀର ବଜରଙ୍ଗ କ୍ଲବ ଆନୁକୂଲ୍ୟରେ କେଶବ ଚନ୍ଦ୍ର ମହାପାତ୍ର ଏବଂ ଡ. ପରେଶ କୁମାର ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋର ପୌରାଞ୍ଚଳ ଅଧୀନ ରାଇପୁରସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଧର ମହାପାତ୍ର ସଭାପତିତ୍ୱ କରିଥିଲେ। କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁରେନ୍ଦ୍ର ପ୍ରସାଦ ପରମାଣିକ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସୌମ୍ୟଶାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ।

ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଟିମ୍ ଭାଗ ନେଇଥିଲେ। ଗୁରୁବାର ରାତିରେ ଭଦ୍ରକ ଇଲେଭେନ ଷ୍ଟାର ଓ ବାଲେଶ୍ୱର ବ୍ଲୁ ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଥିବା ବେଳେ ବ୍ଲୁ ଷ୍ଟାର ରନର୍ସଅପ ହୋଇଥିଲା। ପ୍ରଥମେ ଇଲେଭେନ ଷ୍ଟାର ବ୍ୟାଟିଂ କରି ୮୦ ରନ କରିଥିଲା ବେଳେ ବ୍ଲୁ ଷ୍ଟାର ୫ ଉଇକେଟ ବିନିମୟରେ ୭୪ ରନ୍ କରିପାରିଥିଲା। ଚାମ୍ପିୟନ ଟିମ୍‌କୁ ୧୨, ୦୦୦ ଓ ରନର୍ସଅପ ଟିମ୍‌କୁ ୯, ୦୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାକେଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜୟନ୍ତ ସ୍ୱାଇଁ, ଈଶ୍ୱର ବେହେରା ଯୋଗ ଦେଇଥିଲେ। ମାନସ ଦ୍ୱିବେଦୀ, ସୌମ୍ୟ ମହାନ୍ତି, କଟିନ ଦ୍ୱିବେଦୀ, କୁନା ଦ୍ୱିବେଦୀ, ଅଜୟ ମହାନ୍ତି, ରବି ଦାସ, ପ୍ରଶାନ୍ତ ଶଙ୍ଖୁଆ, ବାପୁନ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଦ୍ୱାରା ଦିବାରାତ୍ର ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

## ବାହାନଗାରେ ବିଜେଡିର ରୋଡ୍ ଶୋ

# ସାମିଲ ହେଲେ ଷ୍ଟାର ପ୍ରଚାରକ

ବାହାନଗା, ୨୬।୪(ଡି.ଏନ.ଏ.)



ବିଜେଡିର ରୋଡ଼ ଶୋରେ ଷ୍ଟାର ପ୍ରଚାରକମାନେ ଭୋଟ ପାଇଁ ନିବେଦନ କରୁଛନ୍ତି।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନକୁ ଆଉ ୩ ଦିନ ବାକି ରହିଲା। ଏହି ଅବସରରେ ରାଜ୍ୟର ପ୍ରମୁଖ ଦଳଗୁଡିକ ପକ୍ଷରୁ ସୋର ନିର୍ବାଚନମଣ୍ଡଳୀରେ ମୋଟରସାଇକେଲ ଶୋଭାଯାତ୍ରା କରାଯିବା ସହ ରୋଡ଼ ଶୋ କରାଯାଉଛି। ତେବେ ସୋର ନିର୍ବାଚନମଣ୍ଡଳୀର ବାହାନଗା ବ୍ଲକ ୧୯ଟି ପଞ୍ଚାୟତରେ ଶୁକ୍ରବାର ବିଜେଡି ତରଫରୁ ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡ଼ା ଏକ ରୋଡ଼ ଶୋ କରିଥିଲେ। ଏଥିରେ ସଂଗୀତକାର ହ୍ୟୁମାନ ସାଗର, କଳାକାର ଝିଲ୍ଲି ଯୋଗ ଦେଇଥିବା ବେଳେ ଶେଷରେ ମନ୍ତ୍ରୀ ସୁଶାନ୍ତ ସିଂ ମଧ ଯୋଗ ଦେଇଥିଲେ।

ବାହାନଗା ପଞ୍ଚାୟତର ଷଠୀ ଗ୍ରାମର ଥିବା ଖୋଗେଶ୍ୱର ମହାଦେବ ମନ୍ଦିରରେ ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡ଼ା ପୂଜାର୍ଚ୍ଚନା କରିବା ପରେ ରୋଡ଼ ଶୋ'ରେ ବାହାରିଥିଲେ। ଏହି ରୋଡ ଶୋ ଷଠୀ ଗଞ୍ଜିଣା ଦେଇ ସାଉଡୁ ପଞ୍ଚାୟତ କୁଚିଆକୋଇଲି, କୁରୁଡା, ଟିଓଳ, ଅଞ୍ଜି, ଖରାସାହାପୁର, ଅଭଣା, ବିଷ୍ଣୁପୁର, ଆରୁହାବାଡ଼, ବରିପଦା, କଲ୍ୟାଣି, ନୂଆପୁର, ଓଡ଼ଶାଳ, ଗୋପାଳପୁର ପଞ୍ଚାୟତରେ ପହଞ୍ଚିଥିଲା। ଏଥିରେ ୧୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ବିଭିନ୍ନ ପଞ୍ଚାୟତର ନେତାମାନେ ସାମିଲ ହୋଇଥିଲେ। ରୋଡ଼ ଶୋ'ରେ ବିଧାୟକ ପର୍ଶୁରାମ ଧଡ଼ା, ଯୋଜନା ବୋର୍ଡ଼ର ସଦସ୍ୟ ଗିରିଶ୍ ଚନ୍ଦ୍ର ଦାଶଙ୍କ ସମେତ ଷ୍ଟାରମାନେ ଯୋଗ ଦେଇଥିଲେ। ଏହି ରୋଡ଼ ଶୋ' ରେ ଅଶ୍ୱିନୀ ମହାପାତ୍ର, ବିଜୟ ସାହୁ, ଯୋଗେଶ ଚନ୍ଦ୍ର ପତି, ନୀଳାମ୍ବର ମହାଳିକ, ପ୍ରଭାକର ମିଶ୍ର ପ୍ରମୁଖ ନେତା ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ଯୋଡ଼ା, ୨୬।୪(ଡ଼ି.ଏନ.ଏ.): ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଜୁବୁଡିଧର ଗ୍ରାମର ଜଣେ ମହିଳା ପାରିବାରିକ କଳହକୁ କେନ୍ଦ୍ରକରି ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଗୁଗୁଲି ମୁଣ୍ଡାଙ୍କ କୌଣସି କାରଣରୁ ତାଙ୍କ ସ୍ୱାମୀଙ୍କ ସହିତ କଳହ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗୁଗୁଲି ତାଙ୍କ ଘର ଭିତରେ ନିଜ ଓଢଣିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଛି।

# 'ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଏକାଠି ହୁଅ'

ବାଲେଶ୍ୱର ଅଫିସ, ୨୬।୪

ବାଲେଶ୍ୱର ଜିଲାବାସୀଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କିତ କେତେକ ସମସ୍ୟାର ସମାଧାନ ଦିଗରେ ଚଳିତ ସାଧାରଣ ନିର୍ବାଚନରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୨ଜଣ ଏମ୍‌ପି ପ୍ରାର୍ଥୀଙ୍କୁ ସେମାନଙ୍କର ଦୃଷ୍ଟିଭଙ୍ଗୀ ଓ ପ୍ରତିବଦ୍ଧତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ଖୋଲାମଞ୍ଚକୁ ନିମନ୍ତ୍ରଣ କରାଯାଇଥିଲା। ଜାତୀୟ ଓ ପ୍ରାଦେଶିକ ରାଜନୈତିକ ଦଳର ଏବଂ ସ୍ୱାଧୀନ ପ୍ରାର୍ଥୀମାନଙ୍କର ମୂଲ୍ୟବାନ ମତାମତ ଜାଣିବାକୁ ବହୁ ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ସାଧାରଣ ଜନତା ଉପସ୍ଥିତ ଥିଲେ। କେବଳ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ ଏମ୍‌ପି ପ୍ରାର୍ଥୀମାନେ ଯୋଗଦେଇ ନ ଥିଲେ। କ୍ରିୟାନୁଷ୍ଠାନ କମିଟିର ଜିଲା କମିଟି ବୈଠକ ବରିଷ୍ଠ ଉପସଭାପତି ଭଗବାନ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଲୋକ ସମସ୍ୟା ସମାଧାନ ଦିଗରେ ଏମ୍‌ପି ପ୍ରାର୍ଥୀମାନଙ୍କର ମତାମତ ପ୍ରଦାନରେ ଅସହଯୋଗକୁ ନାପସନ୍ଦ କରାଯାଇଛି। ଗତ ୨୦୦୯ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ସମସ୍ତ ଏମ୍‌ପି ପ୍ରାର୍ଥୀ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଆହୂତ ଖୋଲାମଞ୍ଚରେ ଯୋଗଦେଇ ବାଲେଶ୍ୱର ସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସ୍ପଷ୍ଟ ମତ ପ୍ରଦାନ କରିଥିଲେ। ବୈଠକରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଖୋଲାମଞ୍ଚ ପାଇଁ ପ୍ରସ୍ତୁତ ସମସ୍ୟାଗୁଡ଼ିକୁ ଜନସାଧାରଣଙ୍କୁ ଅବଗତ କରାଇ ବାଲେଶ୍ୱରବାସୀ ବିଶ୍ୱବିଦ୍ୟାଳୟ ଓ ସରକାରୀ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଦାବି ଓ ସଂଗ୍ରାମରେ ଦଳମତ ନିର୍ବିଶେଷରେ ଯେପରି ଐକ୍ୟବଦ୍ଧ ହୋଇଥିଲେ ସେହିପରି ଆଗାମୀ ଦିନରେ ପୁନଶ୍ଚ ଏକତା ପ୍ରଦର୍ଶନ କରିବାକୁ କ୍ରିୟାନୁଷ୍ଠାନ କମିଟି ନିବେଦନ କରିଛି।

## ସଂକ୍ଷେପରେ

### ଖୁଣ୍ଟାରେ ଜେଏମ୍ଏମ୍‌ର ନିର୍ବାଚନୀ ସଭା

**ଖୁଣ୍ଟା,୨୬।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକର କଳାଯମୁନା ଖେଳ ପଡ଼ିଆଠାରେ ଶୁକ୍ରବାର ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମଏମ)ର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଯୋଗଦେଇ ଦଳୀୟ ଲୋକ ସଭା ପ୍ରାର୍ଥିନୀ ଭଉଣୀ ଅଞ୍ଜନୀ ସୋରେନଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସ ଓ ଜେଏମଏମ ପକ୍ଷରୁ ଆୟୋଜିତ ସଭାରେ ହେମନ୍ତ ଯୋଗଦେଇ ବିଜେଡି ନେତୃତ୍ୱାଧୀନ ରାଜ୍ୟ ତଥା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦଗାର କରିବା ସହ ଲୋକ ସଭା ପ୍ରାର୍ଥିନୀ ଓ ବାରିପଦା ବିଧାନସଭା କଂଗ୍ରେସ ପ୍ରାର୍ଥୀ ଦଶରଥ ସିଂଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଏହି ସଭାରେ ଜେଏମଏମ ଜିଲା ସମ୍ପାଦକ ପ୍ରଭୁଦାନ ମାର୍ଣ୍ଡି, ଖୁଣ୍ଟା ବ୍ଲକର ବରିଷ୍ଠ କଂଗ୍ରେସ ନେତା ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଗୋପବନ୍ଧୁ ନଗର ବ୍ଲକ ୭୮ ବୁଥ୍‌ରୁ ୨ ସମ୍ବେଦନଶୀଳ

**କୁଆମରା,୨୬।୪(ଡି.ଏନ. ଏ.):** ଆସନ୍ତା ୨୯ତାରିଖ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଗୋପବନ୍ଧୁ ନଗର ବ୍ଲକର ମୋଟ ୭୮ ବୁଥରେ ଭୋଟ ଗ୍ରହଣ ହେବ। ଏହି ବ୍ଲକର ୨୭ହଜାର ୨୬ ମହିଳା ଭୋଟର ଓ ୨୭ହଜାର ୨୬୨ ପୁରୁଷ ଭୋଟରଙ୍କୁ ମିଶାଇ ମୋଟ ୫୪ହଜାର ୨୮୮ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ତେବେ ୭୮ଟି ବୁଥ ମଧ୍ୟରୁ କୁଆମରା ପଞ୍ଚାୟତର ଚିଲିମା ଓ ଆରପଟା ପଞ୍ଚାୟତର ଆରପଟା ବୁଥକୁ ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ଖୁଣ୍ଟା ଉଚ୍ଚ ମଧ ଇଂରାଜୀ ବିଦ୍ୟାଳୟ, ବାଲଢ଼ିଆ ସେବାଶ୍ରମ ଓ ଟାଙ୍ଗଣା ନୋଡାଲ ବୁଥକୁ ମଡେଲ ବୁଥ ଭାବେ ଗ୍ରହଣ କରାଯାଇଥିବା ବିଡିଓ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା ପାଇଁ ମୋଟ ୯ଜଣ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିବେ।

## ଆଜି ସରିବ ପ୍ରଚାର

# ମୋରଡ଼ା ଆସିବେ ଶାହ

**ବାରିପଦା ଅଫିସ,୨୬।୪**


ଭାଜପା ପକ୍ଷରୁ ନିର୍ବାଚନୀ ସଭା ପାଇଁ ପ୍ରସ୍ତୁତି ।

ମୟୂରଭଞ୍ଜ ଲୋକ ସଭା ଆସନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହେବାକୁ ଥିବା ବେଳେ ଭାଜପା, ଜେଏମଏମ ଓ ବିଜେଡି ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ପ୍ରଚାରରେ କଂଗ୍ରେସ ପଛରେ ପଡ଼ିଥିବା ବେଳେ ଭୋଟରଙ୍କ ହୃଦୟ ଜିତିବା ପାଇଁ ଦଳୀୟ ପ୍ରାର୍ଥୀ ପ୍ରୟାସ ଜାରି ରଖିଛନ୍ତି। ଗୁରୁବାର ମୟୂରଭଞ୍ଜ ଜିଲାରେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜେଏମଏମ ଅଧ୍ୟକ୍ଷ ଶିବୁ ସୋରେନ ମାରାଥନ ପ୍ରଚାର କରିସାରିଛନ୍ତି। ତେବେ ଶନିବାର ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମୋରଡା ନିର୍ବାଚନମଣ୍ଡଳୀକୁ ଆସୁଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ମୋରଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟପୁରରେ ଦଳ ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭାରେ ସେ ଯୋଗ ଦେବେ। ଏଥିପାଇଁ ଭାଜପା ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ଭାଜପା ଜିଲା ସଭାପତି ତଥା ମୋରଡା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଏହି ସଭାରେ ଶାହଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଯୋଗଦେବେ। ସଭାରେ ସ୍ଥାନୀୟ ଅଞ୍ଚଳର ବିକାଶ, ମୋରଡା ନିର୍ବାଚନମଣ୍ଡଳୀରେ କାଗଜକଳ ପ୍ରତିଷ୍ଠା, ରାସଗୋବିନ୍ଦପୁର ଏୟାରଷ୍ଟ୍ରିପର ପୁନରୁଦ୍ଧାର, ସବାଇ ଘାସ ପ୍ରୋସେସିଂ ୟୁନିଟ ଆଦି ପ୍ରତିଷ୍ଠା ପାଇଁ ଭାଜପା ସରକାର ଉଦ୍ୟମ କରିବାକୁ ଚିନ୍ତା କରୁଥିବା ସମ୍ପର୍କରେ ଶାହ ଜନସାଧାରଣଙ୍କୁ ସୂଚନା ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ଭାଜପାରୁ ଡା, କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେଡିରୁ ରାଜକିଶୋର ଦାସ, କଂଗ୍ରେସରୁ ପ୍ରଭାସ କରମହାପାତ୍ର ଏବଂ ଜେଏମଏମରୁ କଳିଙ୍ଗ କେଶରୀ ଜେନାଙ୍କ ସମେତ ୧୩ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୨୪ ହଜାର ୨୧୫ ଭୋଟର ରହିଛନ୍ତି। ସେଥି ମଧ୍ୟରୁ ୧ ଲକ୍ଷ ୧୧ ହଜାର ୭୨୯ ମହିଳା ଭୋଟର ଥିବା ବେଳେ ୧ ଲକ୍ଷ ୧୨ ହଜାର ୪୮୧ ପୁରୁଷ ଭୋଟର ଏବଂ ୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି।

# ସରୋଜିନୀଙ୍କ ପାଇଁ ପ୍ରଚାର କଲେ ବରିଷ୍ଠ ନାଗରିକ

**ବାରିପଦା ଅଫିସ,୨୬।୪**

ଶନିବାର ନିର୍ବାଚନ ପ୍ରଚାରର ଶେଷ ଦିନ ଥିବାରୁ ବିଜେଡି ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାରକୁ ଜୋରଦାର କରାଯାଇଛି। ବାରିପଦା ବିଧାୟକ ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମଙ୍କ ପାଇଁ ଗୁରୁବାର ସନ୍ଧ୍ୟାରେ ସହରର ବରିଷ୍ଠ ନାଗରିକମାନେ ପ୍ରଚାରରେ ବାହାରିଥିଲେ। ସହରର ମଧୁବନ ଅଞ୍ଚଳର ବରିଷ୍ଠ ନାଗରିକମାନେ ମଧୁବନଠାରୁ ସରୋଜିନୀଙ୍କ ସହିତ ସହରରେ ବୁଲି ପ୍ରଚାର କରିଥିଲେ। ପ୍ରଥମ ଥର ପାଇଁ ସହରର ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକମାନେ କୌଣସି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଏହା ପ୍ରଥମ ଘଟଣା। ଶୁକ୍ରବାର ଷ୍ଟେଶନ ଆଥଲେଟିକ୍ ପଡିଆରେ ବିଜେଡି ପକ୍ଷରୁ ମହିଳା ସମାବେଶ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ଭାଜପା ପକ୍ଷରୁ ପ୍ରଚାର କମିଟି ଅଧ୍ୟକ୍ଷ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଶୁକ୍ରବାର ସ୍ଥାନୀୟ ଅମ୍ବିକା ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ କର୍ମୀଙ୍କ ସହିତ ଶୋଭାଯାତ୍ରାରେ ଯାଇ ପ୍ରଚାର କରିଥିଲେ।


ସରୋଜିନୀଙ୍କ ସହିତ ବରିଷ୍ଠ ନାଗରିକମାନେ ପ୍ରଚାର କରୁଛନ୍ତି।

## ସର୍ବଭାରତୀୟ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

**ବାରିପଦା ଅଫିସ,୨୬।୪**


କୃତୀ ପ୍ରତିଯୋଗୀମାନେ।

ମହାରାଷ୍ଟ୍ରର ପୁଣେଠାରେ ୩୦ତମ ସର୍ବଭାରତୀୟ କରାଟେ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୯ଟି ରାଜ୍ୟରୁ ପ୍ରାୟ ୧୫ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶାରୁ ଗସ୍ତ କରିଥିବା ୧୫ ଜଣିଆ ଦଳରୁ ୭ ଜଣଙ୍କୁ ପଦକ ମିଳିଛି। ୮ବର୍ଷରୁ କମ କାଟା ପ୍ରତିଯୋଗିତାରେ ସାହାନୱାଜ ହୁସେନ ସୟାବ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୧୬ରୁ ୧୭ବର୍ଷ ବାଳକ ବିଭାଗ କୁମିତେ ପ୍ରତିଯୋଗିତାରେ ଶ୍ରେୟାସ ଦିବ୍ୟଦର୍ଶନ ମିଶ୍ର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୨ରୁ ୧୩ବର୍ଷ ବାଳକ ବିଭାଗ କୁମିତେ ପ୍ରତିଯୋଗିତାରେ ଆୟୁଷ୍ମାନ ପଣ୍ଡା ରୌପ୍ୟ, ୧୪ରୁ ୧୫ ବୟସର ବାଳକ ବିଭାଗ କୁମିତେ ପ୍ରତିଯୋଗିତାରେ ଆର୍ଯ୍ୟନ ପଣ୍ଡା ବ୍ରୋଞ୍ଜ, ଅଙ୍କିତ ପାଳ ବ୍ରୋଞ୍ଜ, ୧୮ବର୍ଷରୁ ଊର୍ଦ୍ଧ୍ୱ ବାଳକ ବିଭାଗ କୁମିତେ ପ୍ରତିଯୋଗିତାରେ ଅଗେଶ ଗଣ୍ଡା ବ୍ରୋଞ୍ଜ ପଦକ ପାଇଛନ୍ତି। କରାଟେ ଆସୋସିଏଶନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ସେଖ ସାଜ୍ଜୁ, ଉପାଧ୍ୟକ୍ଷା ସୟାବ ହୁସେନ ଏବଂ ଦଳ ପରିଚାଳକ ଭି.ଶ୍ରୀନିବାସନ ରାଓଙ୍କ ନେତୃତ୍ୱରେ ଏହି ସଫଳତା ହାସଲ କରିଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର,୨୬।୪(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୫ନମ୍ବର ୱାର୍ଡ କୁଚେଇବୁଢୀ ବସ୍ତି ଅଞ୍ଚଳର ଜଣେ ମହିଳା ଶୁକ୍ରବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ଦୁଲା ମହାନ୍ତଙ୍କ ପତ୍ନୀ ରତନିମଣି ମହାନ୍ତ(୩୨) ଓ ସେ ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପରିବାର ଲୋକେ ରତନିମଣିଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଜିଷ୍ଟ୍ରେଟ ରାଇରଙ୍ଗପୁର ଅତିରିକ୍ତ ତହସିଲଦାର ମିତାଲି ମଧୁଚନ୍ଦ୍ରା ପାତ୍ରଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଥାନାରେ (ନଂ ୩/୨୦୧୯)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଡାକରେ ଭୋଟ ଦେଲେ ୨୫୭ ପୋଲିସ କର୍ମଚାରୀ

**ବାରିପଦା ଅଫିସ,୨୬।୪**


ପୋଲିସ କର୍ମଚାରୀମାନେ ମତଦାନ କରୁଛନ୍ତି।

ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ କର୍ମଚାରୀମାନଙ୍କ କ୍ଷେତ୍ରରେ ଡାକ ଯୋଗେ ମତଦାନର ବ୍ୟବସ୍ଥା ରହିଛି। ଆସନ୍ତା ୨୯ରେ ହେବାକୁ ଥିବା ମୟୂରଭଞ୍ଜ ଜିଲାର ମୋଟ ୮ଟି ନିର୍ବାଚନମଣ୍ଡଳୀରେ ମତଦାନ ହେବା ପୂର୍ବରୁ ଜିଲାର ବିଭିନ୍ନ ମତଦାନ କେନ୍ଦ୍ରଗୁଡ଼ିକରେ ନିୟୋଜିତ ଆରକ୍ଷୀ ବାହିନୀଙ୍କ ପାଇଁ ବାରିପଦା ରିଜର୍ଭ ପୋଲିସ ପରିସରରେ ଡାକ ଯୋଗେ ମତଦାନ ନିମନ୍ତେ ଏକ ସ୍ୱତନ୍ତ୍ର ମତଦାନ କେନ୍ଦ୍ର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆରକ୍ଷୀ ବାହିନୀର ୪୭୭ ମତଦାତାମାନଙ୍କ ମଧ୍ୟରୁ ୨୫୭ ଜଣ ସେମାନଙ୍କ ମତଦାନ କରିଥିଲେ । ଶୁକ୍ରବାର ସକାଳ ୯ ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ ଟାରେ ଶେଷ ହୋଇଥିଲା। ଏହି ମତଦାନ କେନ୍ଦ୍ରକୁ ନୋଡ଼ାଲ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ପରିଚାଳନା କରିଥିଲେ । ମତଦାନ ପରେ ଉକ୍ତ ପୋଷ୍ଟାଲ ବାଲାଟ ପେପରଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯାଇଥିଲା। ଏହାପରେ ନିର୍ବାଚନମଣ୍ଡଳୀ ଅନୁସାରେ ତାଲିକା କରାଯାଇ ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯିବ। ମେ ୨୩ ମତଗଣନା ସମୟରେ ଉକ୍ତ ପୋଷ୍ଟାଲ ବାଲାଟକୁ ମିଶାଯାଇ ନିର୍ବାଚନର ଫଳାଫଳ ଘୋଷଣା କରାଯିବ ବୋଲି ନୋଡ଼ାଲ ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ଭଦ୍ରକ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୨୬।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ଛତାବର ଛକ ନିକଟରେ ଶୁକ୍ରବାର ସକାଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧୂଷୁରୀ ଥାନା ଅଧୀନ ଫଳପୁର ଗ୍ରାମର ଦର୍ପନାରାୟଣ ମହାନ୍ତି(୨୪)। ସେ ବାଇକ୍‌ରେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ବେଳେ ଛତାବର ଛକ ନିକଟରେ ଉକ୍ତ ଗାଡ଼ି ଧକ୍କା ଦେଇ ପଳାଇଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୬୦/୧୯) ରୁଜୁ କରାଯାଇଛି।

# ଧାମରା ବନ୍ଦର ବୁଲି ଦେଖିଲେ ଜାପାନ ରାଷ୍ଟ୍ରଦୂତ

**ଭଦ୍ରକ ଅଫିସ, ୨୬।୪**


ଜାପାନୀ ରାଷ୍ଟ୍ରଦୂତ ଧାମରା ପୋର୍ଟ ବୁଲି ଦେଖୁଛନ୍ତି।

ଭାରତରେ ଥିବା ଜାପାନ ରାଷ୍ଟ୍ରଦୂତ ମାସାୟୁକି ଟାଗା ଧାମରା ବନ୍ଦର ପରିଦର୍ଶନ କରିଛନ୍ତି। ସେ ବନ୍ଦର ପରିସର ବୁଲିବା ସହ ବନ୍ଦର ପରିଚାଳନାରେ ବ୍ୟବହୃତ ହେଉଥିବା ବିଭିନ୍ନ ଅତ୍ୟାଧୁନିକ ତଥା ସ୍ୱୟଂଚାଳିତ ଯନ୍ତ୍ରାଂଶ ଆଦି ବିଷୟରେ ପଚାରି ବୁଝିଥିଲେ। ବନ୍ଦର ମଧ୍ୟରେ ଥିବା ମିଟିଂ ହଲ୍‌ଠାରେ ବନ୍ଦର ମୁଖ୍ୟ ପରିଚାଳନା ଅଧିକାରୀ ସୁଦୀପ ଦାସଗୁପ୍ତା, ଉପସଭାପତି ଜଗତ ପରିଜାଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଜାପାନ ରାଷ୍ଟ୍ରଦୂତଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଏହି ଆଲୋଚନାରେ ବିଶେଷକରି ବନ୍ଦରର ଭୌଗୋଳିକ ଅବସ୍ଥିତି, ଆମଦାନୀ, ରପ୍ତାନୀ, ଗମନାଗମନ ବ୍ୟବସ୍ଥା, ପ୍ରସ୍ତାବିତ ପ୍ରକଳ୍ପ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେ ଅନ୍ତର୍ଜାତୀୟ ସ୍ତରର ବନ୍ଦର ସହ ଧାମରା ବନ୍ଦରକୁ ତୁଳନା କରିଥିଲେ। ସ୍ୱଳ୍ପ ସମୟ ମଧ୍ୟରେ ଦେଶର ଅର୍ଥନୈତିକ ବିକାଶରେ ଧାମରା ବନ୍ଦରର ଭୂମିକାକୁ ସେ ପ୍ରଶଂସା କରିଥିଲେ।

### ଚୋରି ଅଭିଯୋଗ: ୨ ଗିରଫ

**ଭଣ୍ଡାରିପୋଖରୀ, ୨୬।୪ (ଡି.ଏନ.ଏ.)**

୧୬ନମ୍ବର ଜାତୀୟ ରାଜପଥର କହରାପୋଖରୀଠାରେ ଚାଲିଥିବା ପୋଲ କାମରେ ରଡ୍ ଚୋରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କହରାପୋଖରୀ ଗ୍ରାମର ରାମ ମୁଣ୍ଡା ଓ ଦୁଃଶାସନ ମୁଣ୍ଡା। ପୋଲିସ ସୂଚନା ଅନୁଯାୟୀ, ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ କହରାପୋଖରୀଠାରେ ଏକ ପୋଲ ନିର୍ମାଣ ହେଉଛି। ପୋଲ କାର୍ଯ୍ୟରେ ବ୍ୟବହାର ହେବାକୁ ଥିବା ରଡ୍ ଚୋରି ହୋଇଯାଇଥିବା ନେଇ ନଳାଙ୍ଗ ଗ୍ରାମର ଦିଲୀପ କନଷ୍ଟ୍ରକଶନର ଉମେଶ ଜେନା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୫୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଚୋରି ହୋଇଥିବା ରଡ୍‌ର ଆନୁମାନିକ ମୂଲ୍ୟ ୪୦ ହଜାର ହେବ ବୋଲି ଜଣାଯାଇଛି।

# ଘର ଘର ବୁଲି ଭୋଟ ମାଗିଲେ ବିଦ୍ୟାଧର

**ଧାମନଗର, ୨୬।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ଡା. ବିଦ୍ୟାଧର ଜେନାଙ୍କ ନିର୍ବାଚନୀ ପ୍ରଚାର ଜମୁଛି। ସେ ଘର ଘର ବୁଲି ପ୍ରଚାର ଚଳାଇଛନ୍ତି। ସେ ଲୋକଙ୍କୁ ଭେଟି ଭୋଟ ପାଇଁ ନିବେଦନ କରୁଛନ୍ତି। ଧାମନଗର ଏନ୍ଏସି ଏରିଆରେ ବସବାସ କରୁଥିବା ଅଧିକାଂଶ ସଂଖ୍ୟାଲଘୁ ଭୋଟକୁ କଂଗ୍ରେସ ଏଥର ଟାର୍ଗେଟ୍ କରିଥିବା ନେଇ ଚର୍ଚ୍ଚା ହେଉଛି। ଏନ୍ଏସି ଏରିଆରେ ପ୍ରାର୍ଥୀ ଡା. ବିଦ୍ୟାଧରଙ୍କ ବିଶାଳ ବାଇକ୍ ରାଲି ସହ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟୁରେସି ମହଲାରେ ପ୍ରାର୍ଥୀ ଡା. ବିଦ୍ୟାଧରଙ୍କ ସହ ବରିଷ୍ଠ ନେତା ବାସୁଦେବ ତ୍ରିପାଠୀ, ଚିନ୍ତାମଣି ବାରିକ, ସେକ୍ ଅଲ୍ଲୀ ମହମ୍ମଦ ତାଜୁଦ୍ଦିନ, ସେକ୍ ମନସୁର, ସେକ୍ ଜୁନେଦ୍, ସେକ୍ ଗୁଲ ମହମ୍ମଦ, ସେକ୍ କାଲା, ସେକ୍ ଆଲାମ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ଚଳିତ ନିର୍ବାଚନରେ କଂଗ୍ରେସ ଜଣେ ଭଲ ପ୍ରାର୍ଥୀଙ୍କୁ ବାଛିଥିବାରୁ ଦଳ ଛାଡ଼ି ଅନ୍ୟ ଦଳକୁ ଯାଇଥିବା ଶତାଧିକ କର୍ମୀଙ୍କ ଘରବାହୁଡ଼ା ଆରମ୍ଭ ହୋଇଛି ବୋଲି ଆଲୋଚନା ହେଉଛି। ବରିଷ୍ଠ ନେତା ନାରାୟଣ ଚନ୍ଦ୍ର ପାଢ଼ୀ, ଅରବିନ୍ଦ ନାୟକ, ବ୍ଲକ ସଭାପତି ପ୍ରସନ୍ନ ଧଳ, ରମେଶ ବେହେରା, ପ୍ରମୋଦ ସ୍ୱାଇଁ, ପ୍ରଭାତ ପଣ୍ଡା, ଅଜିତ ପଣ୍ଡା, ଲକ୍ଷ୍ମୀନାରାୟଣ ମିଶ୍ର, ସେକ୍ ନିଜାମୁଦ୍ଦିନ, ବାବା ହରେକୃଷ୍ଣ ସେଠୀ, ଗୋପୀନାଥ ଜେନା, ରମଣୀ ଦାସ ପ୍ରମୁଖ ବିଧାୟକ ପ୍ରାର୍ଥୀ ବିଦ୍ୟାଧର ଓ ଭଦ୍ରକ ଏମ୍‌ପି ପ୍ରାର୍ଥୀ ମଧୁମିତା ସେଠୀଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିଥିଲେ।

### ଭାଜପା ପ୍ରାର୍ଥୀଙ୍କ ବାଇକ୍ ରାଲି



**ଭଣ୍ଡାରିପୋଖରୀ, ୨୬।୪ (ଡି.ଏନ.ଏ.):** ଭାଜପାର ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ଧଳ ଶୁକ୍ରବାର ନିର୍ବାଚନୀ ପ୍ରଚାର କରିଛନ୍ତି। ବଦ୍ରିନାରାୟଣ ପ୍ରଥମେ ଷୋଳମପୁର ପଞ୍ଚାୟତ ମୁଢାପଦାସ୍ଥିତ ବୈଦ୍ୟନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ବାଇକ୍ ରାଲିରେ ମଞ୍ଜୁରୀରୋଡ୍ ଅଭିମୁଖେ ବାହାରିଥିଲେ। ବଦ୍ରିନାରାୟଣଙ୍କ ସହ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ବାପା ଅର୍ଜୁନ ଚରଣ ସେଠୀ, ପରମାନନ୍ଦ ନାୟକ, ମୁକୁନ୍ଦ ଚରଣ ମଲ୍ଲିକ ପ୍ରମୁଖ ବାଇକ୍ ରାଲିରେ ଷୋଳମପୁର, ମଣିନାଥପୁର, ରହଣିଆ, ମାଳଦା, ସରସଦା, ଭଣ୍ଡାରିପୋଖରୀ ବଜାର, ଛତାବର, କୁଲଣା ଆଦି ଅଞ୍ଚଳ ବୁଲି ପ୍ରଚାର କରିଥିଲେ। ଏହାପରେ ମଞ୍ଜୁରୀରୋଡ ଡାକ୍ତରଖାନା ପଡ଼ିଆଠାରେ ଆୟୋଜିତ ସଭାସ୍ଥଳୀରେ ପହଞ୍ଚିଥିଲେ।

# ଚିତ୍ରାଙ୍କନ ମାଧ୍ୟମରେ ଭୋଟର ସଚେତନତା

**ଭଦ୍ରକ ଅଫିସ, ୨୬।୪**

ଭଦ୍ରକ ଟାଉନହଲ୍ ଛକଠାରେ ଗୁରୁବାର ଗୋଷ୍ଠୀ ବେତାରକେନ୍ଦ୍ର ରେଡିଓ ବୁଲ୍‌ବୁଲ୍ ଦ୍ୱାରା ଚିତ୍ରାଙ୍କନ ମାଧ୍ୟମରେ ଭୋଟର ସଚେତନତା କରାଯାଇଥିଲା। ଏହି ଅବସରରେ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭୋଟ ସଚେତନତା ନେଇ ଚିତ୍ରାଙ୍କନ କରିଥିଲେ। ରେଡିଓ ବୁଲ୍‌ବୁଲ୍‌ର ନିର୍ଦ୍ଦେଶକ ଶେଖ୍ ମହମ୍ମଦ ନିୟାଜ ଏବଂ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ଭଟ୍ଟାଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଡ. ରାଧାରାଣୀ ମହାପାତ୍ର, ଅତିଶ କୁମାର ବେହେରା, ଲେଖକ, ଚିତ୍ରଶିଳ୍ପୀ ଅଶୋକ ମହାନ୍ତି, ସାମାଜିକ ସଙ୍ଗଠନ ଦିଶାର କୋଷାଧ୍ୟକ୍ଷ ମନିଷ ରାଥୋର, ଅଧ୍ୟାପକ ଜୟନ୍ତ କୁମାର ନାୟକ, ନାରାୟଣ ବେହେରା, ଅଶ୍ୱିନୀ କୁମାର ପଣ୍ଡା, ଅଶୋକ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।


ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଜାଗା ବିବାଦକୁ ନେଇ ଗୃହଦାହ ଅଭିଯୋଗ

**ପଦ୍ମପୁର, ୨୬।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ସାହୁସାହିର ଲକ୍ଷ୍ମୀପ୍ରିୟା ସାହୁଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଜାଗା ବିବାଦକୁ ନେଇ ତାଙ୍କ ଘରେ ନିଆଁ ଲଗାଇ ଦିଆଯାଇଥିବା ଲକ୍ଷ୍ମୀପ୍ରିୟା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ସକାଳେ ଜାଗା ବିବାଦକୁ ନେଇ ଗ୍ରାମର କେତେକ ବ୍ୟକ୍ତି ଲକ୍ଷ୍ମୀପ୍ରିୟାଙ୍କ ଘର ପୋଡ଼ି ସହ ମାରିଦେବାକୁ ଧମକ ଦେଇଥିଲେ। ଲକ୍ଷ୍ମୀପ୍ରିୟା ଓ ତାଙ୍କ ପରିବାର ଲୋକେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଦମକଳକୁ ଖବର ଦେବା ସହ ନିଆଁକୁ ଲିଭାଇଥିଲେ।

# 'ଜ୍ଞାନ ଶକ୍ତିରୁ ମିଳିଥାଏ ବିକାଶର ସୂତ୍ର'


ଉତ୍ସବରେ କଲେଜ ଅଧ୍ୟକ୍ଷ କମଳାକାନ୍ତ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ତିହିଡ଼ି, ୨୬।୪ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ କମଳାକାନ୍ତ ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ କଥାକାର ପ୍ରାଧ୍ୟାପକ ଡ. ଶୈଳେନ୍ଦ୍ର କୁମାର ମହାପାତ୍ର ଯୋଗଦେଇ ଜ୍ଞାନର ଅସୀମ ଶକ୍ତି ଥାଏ ଏବଂ ଏଥିରୁ ବିକାଶର ସୂତ୍ର ମିଳିଥାଏ ବୋଲି କହିଥିଲେ। ଯୁକ୍ତ ୨ ସାଂସ୍କୃତିକ ପରିଷଦ ଓ ଯୁକ୍ତ ୩ ଛାତ୍ରସଂସଦର ଏହି ମିଳିତ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଛାତ୍ରସଂସଦ ଉପଦେଷ୍ଟା ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସାଂସ୍କୃତିକ ପରିଷଦ ଉପସଭାପତି ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁକ୍ତ ୨ ସାଂସ୍କୃତିକ ପରିଷଦର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସ୍ମୃତି ସ୍ୱାଗତିକା ବେହେରା, ଦେବାର୍ଚ୍ଚନା ପୃଷ୍ଟି, ସ୍ୱର୍ଣ୍ଣପ୍ରଭା ସାମଲ, ସୌମ୍ୟରଞ୍ଜନ ଦାସ, ପ୍ରିୟଦର୍ଶିନୀ ସ୍ୱାଇଁ ଓ ଯୁକ୍ତ ୩ ଛାତ୍ରସଂସଦର ଅବିନାଶ ପାଢ଼ୀ, ଦେବାଶିଷ ସାମଲ, ଚନ୍ଦନ ପଣ୍ଡା ଓ ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ ଲିଟେରାରୀ ଚାମ୍ପିୟନ ତପସ୍ୱିନୀ ମହାଲିକ ଓ ଯୁକ୍ତ ୩ ଲିଟେରାରୀ ଚାମ୍ପିୟନ ଭାବେ ରୁଜିଲତା ବାରିକ୍‌ଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


Godrej interio
RUSH TO REFRESH SALE
THE MAKEOVER YOUR HOME HAS BEEN WAITING FOR.
UP TO 25% OFF*
on Home Furniture, Kitchen and Mattresses
Durable designs. Refined aesthetics.
A wide range of home furniture.
A stunning choice of ergonomic modular kitchens. All at unbelievable prices.
If ever there was a time to refresh your home, it's now.
*T&C Apply
THE EXCHANGE OFFER
EMI FINANCE
Gift Card
HOME FURNITURE & STORAGE • MODULAR KITCHENS • MATTRESSES
/godrejinterio /godrejinterio /godrejinterio4u /godrejinterio www.godrejinterio.com
Toll free: 1800 267 1122
LOK | SAATCHI & SAATCHI


କେବଳ କଂଗ୍ରେସ
ଖୁସିର ଗ୍ୟାରେଣ୍ଟି
ଅଭାବୀ ପରିବାରକୁ ମାସକୁ ୬,୦୦୦ ଟଙ୍କା ଅର୍ଥାତ ବର୍ଷକୁ ୭୨,୦୦୦ ଟଙ୍କାର ଗ୍ୟାରେଣ୍ଟି
ଅଙ୍ଗନବାଡ଼ି କର୍ମୀଙ୍କ ଚାକିରୀ ସ୍ଥାୟୀ ଓ ମାସକୁ ଦରମା ୯,୦୦୦ ଟଙ୍କା ଓ ଅଙ୍ଗନବାଡ଼ି ସହାୟିକାଙ୍କ ଦରମା ୬,୦୦୦ ଟଙ୍କାର ଗ୍ୟାରେଣ୍ଟି
ଧାନ କ୍ୱିଣ୍ଟାଲ ପିଛା ୨,୬୦୦ ଟଙ୍କାରେ କିଣା ହେବା ଗ୍ୟାରେଣ୍ଟି
ପ୍ରତି ଘରକୁ ନିଶ୍ଚିତ ଚାକିରୀ, ବେକାରଙ୍କୁ ବେକାରୀ ଭତ୍ତା ୩,୦୦୦ ଟଙ୍କାର ଗ୍ୟାରେଣ୍ଟି
ବାର୍ଦ୍ଧକ୍ୟ ଭତ୍ତା ୧,୫୦୦ ଟଙ୍କା ଓ ବିଧବା ଭତ୍ତା ୨,୦୦୦ ଟଙ୍କାର ଗ୍ୟାରେଣ୍ଟି
୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ର ଗ୍ୟାରେଣ୍ଟି
ହାତ ଚିହ୍ନରେ ଭୋଟ ଦେବା ॥ ଦୁଇ ଥର । ଥରେ ଏମ୍ଏଲ୍ଏ ପାଇଁ । ଥରେ ଏମ୍‌ପି ପାଇଁ ।
୧୦୦% ଗ୍ୟାରେଣ୍ଟି
Published by : OPCC, Bhubaneswar.


Panasonic
No.1 AC in JAPAN
AEROWINGS INSTANT COOLING IN EVERY CORNER
nanoe TECHNOLOGY *REMOVAL OF 99% BACTERIA & PM2.5
DESIGNED IN JAPAN
QUALITY AIR FOR LIFE
ଅଧିକ ସୁଖ ସୁବିଧା. ଉତ୍ତମ ସ୍ୱାସ୍ଥ୍ୟ. ଉନ୍ନତ ଡ଼ିଜାଇନ୍.
Buy Twin Cool Inverter AC
Get benefits upto ₹21500#
AVAILABLE IN: ADVANCE SERIES | ARCH SERIES | 5 STAR | 3 STAR
UNMATCHED DURABILITY
100% COPPER
ECOTOUGH* Outdoor Unit
STABILIZER FREE OPERATION (145V–285V)
UNMATCHED WARRANTIES
10* YEAR ON COMPRESSOR worth ₹10000#
5* YEAR ON PCB worth ₹8000#
5* YEAR ON OUTDOOR CASING worth ₹2000#
UNMATCHED OFFERS
FREE INSTALLATION* worth ₹1500#
EASY EMI 0 DOWN PAYMENT
GET 10% CASHBACK* UPTO ₹5000*
Panasonic BRANDSHOP | Panasonic Premium Partner | Panasonic econ Air Shoppe
Branch Office (Bhubaneswar): Plot No. 371, 1st Floor, Shahid Nagar, Near Saheed Sporting Club, Bhubaneswar - 751007.
For enquiry, email: pi.acenquiry@in.panasonic.com For more details, visit your nearest Panasonic store. | Offers available at all leading retailers.
AXIS BANK | HDFC BANK | ICICI Bank Credit Cards
For #QualityAir, Scan
Or give a missed call at 7410988844
REGISTERED OFFICE: Panasonic India Pvt. Ltd. 12th Floor, Ambience Tower, Ambience Island, NH-8 Gurgaon-122002, Haryana, India. Ph.: +91-124-4871300, Fax: +91- 124-4871333
www.facebook.com/panasonicindia www.twitter.com/panasonicindia
Service Helpline: 1800 108 1333, 1800 103 1333
www.panasonic.com/in, helpline@in.panasonic.com
INSIST ON A PANASONIC INDIA WARRANTY CARD

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ଯୋଡ଼ା, ୨୬।୪(ଡ଼ି.ଏନ.ଏ.)**- ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଜୁବୁଡିଧର ଗ୍ରାମର ଜଣେ ମହିଳା ପାରିବାରିକ କଳହକୁ କେନ୍ଦ୍ରକରି ବେକରେ ଓଡଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ କୌଣସି କାରଣରୁ ତାଙ୍କ ସ୍ୱାମୀଙ୍କ ସହିତ ଗୁଗୁଲି ମୁଣ୍ଡାଙ୍କ କଳହ ହୋଇଥିଲା । ଏଥିରେ ମାନସିକ ଭାରସାମ୍ୟ ହରାଇ ଗୁଗୁଲି ତାଙ୍କ ଘର ଭିତରେ ନିଜ ଓଢଣିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଛି।

### ବିଦ୍ୟୁତ ସଂସ୍ପର୍ଶରେ ଆସି ଡ୍ରାଇଭର ଅର୍ଦ୍ଧଦଗ୍ଧ

**ଯୋଡ଼ା, ୨୬।୪(ଡି.ଏନ.ଏ.)**- କେନ୍ଦୁଝର ଜିଲା ଯୋଡା ବ୍ଲକ ଦେଓଝରସ୍ଥିତ ଭାଗଲପୁର ରେଳଷ୍ଟେଶନ ନିକଟରେ ଗୁରୁବାର ସନ୍ଧ୍ୟାରେ ମୁନା ହୋ ନାମକ ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ଅର୍ଦ୍ଧଦଗ୍ଧ ହୋଇଛନ୍ତି। ତାଙ୍କ ଘର ମୟୂରଭଞ୍ଜ ଜିଲା ଯଶୀପୁର ଧୋବାଡିହା ଅଞ୍ଚଳରେ। ସେ ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସନ୍ଧ୍ୟାରେ ବିଲେଇପଦାସ୍ଥିତ ମୁର୍ଗା ରେଳଷ୍ଟେଶନ ନିକଟସ୍ଥ ଭାଗଲପୁର ରେଳଧାରଣା ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଚଢିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଶରୀରର ଶତକଡା ୫୦ ଭାଗ ପୋଡ଼ିଯାଇଥିଲା। ସ୍ଥାନୀୟ ଲୋକେ ବିଲେଇପଦା ଅଗ୍ନିଶମ ବିଭାଗକୁ ଖବରଦେବା ପରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ଆହତ ମୁନାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମୁନା ବିଦ୍ୟୁତ ଖୁଣ୍ଟରେ ଚଢିବାର କାରଣ ଜଣାପଡିନାହିଁ।

### ଯୁବ ପଥରଶିଳ୍ପୀଙ୍କ ପରଲୋକ

**ସୋର, ୨୬।୪(ଡି,ଏନ.ଏ.)**- ସୋର ଥାନା ଅଧୀନ କେଶରୀପୁର ଜାମପଦା ଗ୍ରାମର ଅଜୟ ସିଂ(୨୮) ନାମକ ଜଣେ ପଥର ଶିଳ୍ପୀଙ୍କର ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ୧୦ ବର୍ଷ ହେଲା ରାଜସ୍ଥାନରେ ନାଲି ପଥର ମୂର୍ତ୍ତି କାରିଗରୀ କାମ ଠିକାଦାରଙ୍କ ଜରିଆରେ କରିଆସୁଥିଲେ। କିଛି ଦିନ ହେଲା ପଥର ଗୁଣ୍ଡରେ ଆକ୍ରାନ୍ତ ହୋଇ ସେ ଘରେ ରହି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ନାଲି ପଥର ଗୁଣ୍ଡ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ଘରକୁ ଫେରି ଆସିଥିଲେ। ସେ ଜଣେ ଗରିବ ଆଦିବାସୀ ସଂପ୍ରଦାୟରେ ହୋଇଥିବା ବେଳେ ତାଙ୍କ ରୋଜଗାର ଉପରେ ନିର୍ଭର କରୁଥିବା ବିଧବା ମା, ସ୍ତ୍ରୀ ୩ଟି ସାନ ସାନ ଝିଅ ଅଛନ୍ତି। ଖବର ପାଇ ସୋରର ବହୁ ପଥର କାରିଗର ବିକେ ଆର୍ଟସର କାରିଗର ନରେନ୍ଦ୍ର ସାମଲ ଏବଂ ଅନ୍ୟମାନେ ତାଙ୍କ ଜାମପଦା ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଗରିବ ପରିବାରଙ୍କୁ ସରକାରୀ ଭାବେ ସହାୟତା ଯୋଗାଇ ଦେବାକୁ ନିବେଦନ କରାଯାଇଛି। ଅଜୟଙ୍କୁ ମିଶାଇ ସୋର, ବାହାନଗା, ଔପଦା, ନୀଳଗିରି ଅଞ୍ଚଳରେ ପଥର ଗୁଣ୍ଡ ଆକ୍ରାନ୍ତ ହୋଇ ୨୦ଜଣଙ୍କର ମୃତ୍ୟୁ ଘଟିସାରିଛି।

# ଝାଡ଼ଖଣ୍ଡକୁ ଲୁହାପଥର ଚୋରାଚାଲାଣ

**ବଡବିଲ, ୨୬।୪(ସ୍ୱ.ପ୍ର.)**



ଗିରଫ ୨ ଅଭିଯୁକ୍ତ।

- ୨୦ ମେଟ୍ରିକ ଟନ ଲୁହାପଥର ବୋଝେଇ ୨ ଡମ୍ଫର ଜବତ
- ଦୁଇ ଡ୍ରାଇଭର ଚମ୍ପଟ ମାରିଲେ, ସଂପୃକ୍ତ ୨ ଅଭିଯୁକ୍ତ ଗିରଫ
- ଫେଲ୍ ମାରିଛି ଖଣି ବିଭାଗର ଆଇଥ୍ରୀ ଏମ୍ଏସ୍ ଜିପିଏସ୍ ବ୍ୟବସ୍ଥା

କେନ୍ଦୁଝର ଜିଲା ଯୋଡା ଖଣି ସର୍କଲରେ ଖଣି ଦୁର୍ନୀତି ପଦାକୁ ଆସିବା ପରେ ଏ ଦିଗରେ ତଦନ୍ତ ସାଙ୍ଗକୁ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ବଳରେ ସମ୍ପୃକ୍ତ ଖଣିକୁ ଜରିମାନା କରାଯାଇଥିଲା। ଜରିମାନା ଦେଇ ନ ଥିବା ଅନେକ ଖଣି ବନ୍ଦ ହୋଇଛି। ଏହା ସତ୍ତ୍ୱେ ଏହି ଅଞ୍ଚଳରୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣକୁ ଏଯାଏ ରୋକାଯାଇ ନାହିଁ। ଫଳରେ ଖଣିଜ ସମ୍ପଦ ଲୁଟ ଘଟଣା ବଢି ଚାଲିଛି।

ସରକାରଙ୍କ ପକ୍ଷରୁ ଖଣିଜ ଚୋରି ରୋକିବା ଲାଗି ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି। ଆଇଥ୍ରୀ ଏମ୍ଏମ୍ ଜିପିଏସ ବ୍ୟବସ୍ଥା ଲାଗୁ କରାଯାଇ ପ୍ରତି ପରିବହନକାରୀ ଭାରିଯାନରେ ଜିପିଏସ ଲଗାଇବା ବାଧ୍ୟତାମୂଳକ ହୋଇଛି। ହେଲେ ଜିପିଏସ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରଶାସନିକ ଅବହେଳାର ସୁଯୋଗ ନେଇ ଖଣିଜ ସମ୍ପଦ ଝାଡଖଣ୍ଡ ରାଜ୍ୟକୁ ଚୋରା ଚାଲାଣ ହେଉଥିବାର ତଥ୍ୟ ପଦାକୁ ଆସିଛି। ଏବେ ବଡବିଲ ପୋଲିସ ଚଢାଉ କରି ଝାଡଖଣ୍ଡକୁ ୨ଟି ଡମ୍ଫର ଯୋଗେ ଚାଲାଣ ହେଉଥିବା ୨୦ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ପରିମାଣର ୫/୧୫ସାଇଜ ଲୁହାପଥର ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ନକଲି ଟ୍ରାଞ୍ଜିଟ ପାସ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଲାଣୀ ଥାନା ଅଞ୍ଚଳର ସେକ୍ ହାଫିଜୁଲ ରେହମାନ ଓରଫ୍ ବାବୁ ଏବଂ ଠାକୁରାଣୀ ଅଞ୍ଚଳର ଭିକି ସାହୁ। ବଡବିଲ ପୋଲିସ ଏ ନେଇ ଦଫା ୩୭୯/ ୪୨୦/ ୪୬୮/ ୪୦୬/ ୧୨୦(ବି) ଆଇପିସିରେ ଏକ ମାମଲା (ନଂ ୧୦୨/୧୯) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି।

ବୁଧବାର ବଡ଼ବିଲ-ନାଲଦା ରାଜ୍ୟ ରାଜପଥର ବେଲକୁଣ୍ଡି-ନାଲଦା ରାସ୍ତାରେ ଭାରିଯାନ ଜାମ ରହିଥିବା ବେଳେ ପୋଲିସର ଏକ ଟିମ ଓଆର୦୯ଏଚ୯୫୧୫ ନମ୍ବର ବିଶିଷ୍ଟ ଏକ ଡମ୍ଫରର କାଗଜପତ୍ର ଯାଞ୍ଚ କରିବାକୁ ମାଗିଥିଲେ। ଡ୍ରାଇଭର ଜଣକ ଏକ ନକଲି ଟ୍ରାଞ୍ଜିଟ ପାସ ପୋଲିସକୁ ଧରାଇଦେଇ କୌଶଳକ୍ରମେ ଖସି ଚମ୍ପଟ ମାରିଥିଲେ। ଏହାଦେଖି ସେହି ଡମ୍ଫର ପଛପଛେ ଆସୁଥିବା ଓଆର୦୯କେ୮୦୩୧ ନମ୍ବର ବିଶିଷ୍ଟ ଡମ୍ଫରର ଡ୍ରାଇଭର ମଧ୍ୟ ଚମ୍ପଟ ମାରିଥିଲେ। ଯାଞ୍ଚପରେ ପୋଲିସ ଉକ୍ତ ଏହି ଦୁଇ ଡମ୍ଫରରେ ସାଇଜ ଲୁହାପଥର ଥିବା ଜାଣି ତନାଘନା କରିଥିଲା। ଏଥିରୁ ନକଲି ପାସ୍ ଜରିଆରେ ଲୁହାପଥର କିଭଳି ଝାଡଖଣ୍ଡ ରାଜ୍ୟକୁ ଚୋରାଚାଲାଣ ହେଉଛି, ତାହା ପଦାକୁ ଆସିଛି। ଏ ନେଇ ଅଧିକ ଅନୁସନ୍ଧାନ ଜାରି ରହିଛି ବୋଲି ବଡବିଲ ଏସଡିପିଓ ଦିଲିପ ବାଗ ଓ ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ କହିଛନ୍ତି।

# ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍: ପୋଲିସର ତନାଘନା

**କେନ୍ଦୁଝର, ୨୬।୪ (ସ୍ୱ.ପ୍ର.)**

କେନ୍ଦୁଝର ମାଇନିଂ ଛକଠାରୁ ଡିମ୍ବୋ ରାସ୍ତା ମଧ୍ୟରେ ଥିବା ସାଇ ମନ୍ଦିର ନିକଟରେ ଦିଲିପ କୁମାର ବେହେରା ନାମକ ଜଣେ ସିମେଣ୍ଟ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୧୫ହଜାର ଟଙ୍କା ସହ ତାଙ୍କ ମୋବାଇଲ ଫୋନ ଲୁଟ ନିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତନାଘନା ଚଳାଇଛି।

ଗୁରୁବାର ରାତି ପ୍ରାୟ ସାଢେ ୧୦ଟା ସମୟରେ ଦିଲିପ ତାଙ୍କ ସିମେଣ୍ଟ ଦୋକାନ ବନ୍ଦ କରି ଡିମ୍ବୋ ଗାମକୁ ଫେରୁଥିଲେ। ସାଇ ମନ୍ଦିର ନିକଟସ୍ଥ ରେଲୱେ ଓଭରବ୍ରିଜ ପାଖରେ ଏକ ପଲସରରେ ଦୁଇଜଣ ଯୁବକ ଆସି ତାଙ୍କୁ ବନ୍ଧୁକ ଦେଖାଇ ଅଟକାଇବାକୁ ଉଦ୍ୟମ କରିଥିଲେ । ଦିଲିପ ମୋଟରସାଇକେଲ ରଖିବା ପରେ ଦୁଇ ଲୁଟେରା ତାଙ୍କଠାରୁ ୧୫ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇ ତାଙ୍କ ହାତ ଓ ପେଟକୁ ଧାରୁଆ ଅସ୍ତ୍ରରେ ଆଘାତ କରି ଦ୍ରୁତଗତିରେ ପାଟଣା ରାସ୍ତାରେ ପଳାଇଥିଲେ । ଉକ୍ତ ରାସ୍ତାରେ ଆସୁଥିବା ଗ୍ରାମର ଅନ୍ୟ କେତେକ ବ୍ୟବସାୟୀ ଦିଲିପଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଲୁଟେରାମାନେ ବ୍ୟବହାର କରିଥିବା ପଲସର ଗାଡି ଝାଡ଼ଖଣ୍ଡ ଅଞ୍ଚଳର ବୋଲି ଟାଉନ ଥାନା ଅଧିକାରୀ ସୋମନାଥ ଜେନା କହିଛନ୍ତି।

# ନିମ୍ନମାନର କାମ: ଭିଆଇପି ରୋଡ୍ ଫାଟି ଆଁ



ଖପରାଖାଇ ଘସିପୁରା ଭିଆଇପି ରୋଡର ଦୁରବସ୍ଥା।

**ଆନନ୍ଦପୁର,୨୬।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ପୂର୍ତ୍ତବିଭାଗ ଅଧୀନ ଖପରାଖାଇ ଠାରୁ ଘସିପୁରା ବାଇପାସ୍ ଛକ ପର୍ଯ୍ୟନ୍ତ ଦେଢ କି.ମି. ଦୂରତା ଯାଏ ନିର୍ମିତ ଭିଆଇପି ରୋଡ ଏବେ କାଳବୈଶାଖୀ ବର୍ଷା ପରେ ଫାଟି ଆଁ କରିଛି। ଯାତାୟାତ ସୁବିଧା ଲାଗି ପ୍ରାୟ ୭ କୋଟି ବ୍ୟୟ ଅଟକଳରେ ଏହ ରାସ୍ତା ନିର୍ମାଣ କରାଯାଇଥିଲା। ଆରମ୍ଭରୁ ନିର୍ମାଣ ଜନିତ ତ୍ରୁଟିକୁ ଲକ୍ଷ୍ୟ କରି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ । ଅଞ୍ଚଳବାସୀ କହିଛନ୍ତି ଯେ, ଖପରାଖାଇ ଗ୍ରାମ ସୀମାରୁ ବାଉଁଶନାଳୀ ପୋଲଠାରେ ନିର୍ମିତ ଏହି ରାସ୍ତା ପାର୍ଶ୍ୱ ଅପେକ୍ଷାକୃତ ଖାଲୁଆ ସ୍ଥାନ ହୋଇଥିବାରୁ ସେଠାରେ ସୁରକ୍ଷା ପାଇଁ ଆଡିବନ୍ଧ କରାଯିବା ସହ ପଥର ପ୍ୟାକିଂ କରାଯାଇଛି। ମାତ୍ର ଏହି ସ୍ଥାନରେ ନିର୍ମିତ ରାସ୍ତା ଏବେ ଫାଟି ଆଁ କରିଥିବାରୁ ଲୋକେ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଫାଟିଯାଇଥିବା ସ୍ଥାନରେ ଏବେ ତରବରିଆ ଭାବେ ପିଚୁ ଢାଳି ବାଲି ଛିଞ୍ଚାଯାଇଥିବା ଦେଖାଯାଉଛି। ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ରକ୍ତ ଜୁଡୁବୁଡୁ, ବେହୋସ ଅବସ୍ଥାରେ ଯୁବକ ଉଦ୍ଧାର

**ପାଟଣା,୨୬।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ସଁରାପଶି ଗ୍ରାମର ବନ୍ଦ ଥିବା ଏକ ଆବାସିକ ଶିକ୍ଷାନୁଷ୍ଠାନ ପ୍ରକୋଷ୍ଠରୁ ଶୁକ୍ରବାର ସକାଳେ ଦୀପକ ମହାନ୍ତ (୨୮) ନାମକ ଜଣେ ଯୁବକଙ୍କୁ ରକ୍ତ ଜୁଡୁବୁଡୁ ତଥା ବେହୋସ ଅବସ୍ଥାରେ ଉଦ୍ଧାର କରାଯାଇଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଯୁବକଙ୍କ ଗୁପ୍ତାଙ୍ଗକୁ କେହି ଧାରୁଆ ଅସ୍ତ୍ରରେ କାଟିଦେଇଥିବା ପରିବାର ଲୋକେ କହିଛନ୍ତି। ଏ ନେଇ ଦୀପକଙ୍କ ବଡବାପା ବଳଭଦ୍ର ମହାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମକଦ୍ଦମା (ନଂ.୫୦/୧୯) ରୁଜୁକରି ତଦନ୍ତ ଜାରି ରଖିଥିବା ଏସଆଇ ବୈଲୋଚନ ସିଂ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ଦୀପକ ଟେଣ୍ଟ ବ୍ୟବସାୟ କରିଥାନ୍ତି। ସେ ସକାଳୁ ଉଠି ଶୌଚ ହେବା ପାଇଁ ଘରୁ ବାହାରିଯାଇ ଆଉ ଫେରି ନ ଥିଲେ । ଦୀପକଙ୍କ ବାପା ରଇଦାସ ମହାନ୍ତ ବହୁ ଖୋଜାଖୋଜି କରିବା ପରେ ଘର ନିକଟରେ ଥିବା ଏକ ପରିତ୍ୟକ୍ତ ସ୍କୁଲ ଘରୁ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବ୍ୟବସାୟିକ ଶତ୍ରୁତା ତଥା ଜମିବାଡ଼ି ବିବାଦ ନେଇ ତାଙ୍କୁ କେହି ଜୀବନରୁ ମାରିଦେବାକୁ ଉଦ୍ୟମ କରି ଘଟଣାକୁ ଭିନ୍ନ ରୂପ ଦେବା ଲାଗି ଚେଷ୍ଟା କରିଥିବା ନେଇ ଦୀପକଙ୍କ ବାପା ରଇଦାସ ଅଭିଯୋଗ କରିଛନ୍ତି। ଦୀପକଙ୍କ ଚେତା ଫେରିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ବୁଥ୍ ରିଗିଂ ଅଭିଯୋଗ: ଆକ୍ରମଣର ଶିକାର ଯୁବକ ଥାନାର ଦ୍ୱାରସ୍ଥ

**ଆନନ୍ଦପୁର, ୨୬।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ଘସିପୁରା ଥାନା ଖଡିବିଲ୍ ଗ୍ରାମର ଯୁବକ ନରେନ୍ଦ୍ର ଯେନା ଗତ ୨୩ ତାରିଖରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ରିଗିଂ ଓ ଆକ୍ରମଣର ଶିକାର ହୋଇ ଭୋଟ ଦେଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ସେ ଏ ସମ୍ପର୍କରେ ଗତ ୨୪ ତାରିଖରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏହାର ତଦନ୍ତ କରୁଛି। ନରେନ୍ଦ୍ରଙ୍କୁ କେତେକ ସ୍ଥାନୀୟ କେତେକ ଯୁବକ ଗାଳି ଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସେ ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ୬ ଜଣଙ୍କ ନାଁରେ ଏକ ମାମଲା (ନଂ. ୬୪/୨୦୧୯) ରୁଜୁ କରି ଖଡିବିଲ୍ ଗ୍ରାମକୁଯାଇ ତଦନ୍ତ କରିଥିବା ଜଣାପଡିଛି।

## ବରିଷ୍ଠ ଭାଜପା ନେତାଙ୍କ ପରଲୋକ

**ଆନନ୍ଦପୁର,୨୬।୪(ସ୍ୱ.ପ୍ର.)**

ଆନନ୍ଦପୁରର ବରିଷ୍ଠ ଭାଜପା ନେତା ତଥା ଆରଏସଏସର ସଂଗଠକ ହେମନ୍ତ କୁମାର ଜେନା(୬୧)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇ ଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଆନନ୍ଦପୁର ୭ ନଂ ୱାର୍ଡ଼ ଆଳିଆସାହି ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବୈତରଣୀ ନଦୀ ତଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ପୁରୁଣା ବୃତ୍ତିରେ ଚୈତନ୍ୟଙ୍କ ଜୀବନ

**କେନ୍ଦୁଝର, ୨୬।୪ (ସ୍ୱ.ପ୍ର.)**

ପୁରୁଣା ବୃତ୍ତିକୁ ଛାଡି ନ ପାରି ଆଜି ବି ୭୫ ବର୍ଷରେ ସଂଘର୍ଷ ଜାରି ରଖିଛନ୍ତି ଚୈତନ୍ୟ ବାରିକ । ଦୀର୍ଘ ୫୦ ବର୍ଷ ହେଲା ସେ ଏଠାରେ ଏକ ଦେଶୀ ସେଲୁନ ଖୋଲି ଲୋକଙ୍କୁ ସେବା ଯୋଗାଉଛନ୍ତି। ତାଙ୍କ ଘର ଝାଜପୁର ଜିଲାରେ । ସେ କେନ୍ଦୁଝର ଜିଲାକୁ କର୍ମସ୍ଥଳୀ ଭାବରେ ବାଛି ନେଇଛନ୍ତି। ଚୈତନ୍ୟ କହନ୍ତି ୧୯୫୩ ମସିହାର ଘଟଣା। ସେ କାମଧନ୍ଦା ଅନ୍ୱେଷଣରେ କେନ୍ଦୁଝର ଚାଲି ଆସି ମାତ୍ର ୨୦ ଟଙ୍କା ଦରମାରେ ଏକ ଦୋକାନରେ କାମ କରୁଥିଲେ । ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟ ନେଇ ସେ ନିଜର ଏକ ସେଲୁନ ଖୋଲିଥିଲେ। ସେତେବେଳେ ମାତ୍ର ୮ ଟଙ୍କା ଭଡା ଦେଇ ଚଳାଉଥିବା ସେଲୁନକୁ ଦୀର୍ଘ ୨୨ ବର୍ଷ ପରେ ପୌରପାଳିକା ଭାଙ୍ଗିଦେଲା । ଏହା ପରେ ସେ ଏକ ଚାଳିଆ କରି ସେଠାରେ ସେଲୁନ ଚଳାଇଛନ୍ତି। ଆଉ ଆଗଭଳି ରୋଜଗାର ହେଉନାହିଁ । ଦିନକୁ ମାତ୍ର ୨୦ ରୁ ୩୦ ଟଙ୍କା ମିଳୁଛି । ଏଣୁ ଭଡା ପଇସାରେ ଘର ଚଳୁଛି।



ଚୈତନ୍ୟ ବାରିକ।

ମୁଣ୍ଡ ଗୁଞ୍ଜି ରହିବା ପାଇଁ ମାସିକ ୫୦୦ ଟଙ୍କା ଭଡା ଦେଇ ଏକ ଚାଳିଆ ଘର ନେଇଛନ୍ତି। ସେଠାରେ ସେ ସ୍ତ୍ରୀଙ୍କ ସହ ରହୁଛନ୍ତି। ତାଙ୍କର ୩ ଝିଅଙ୍କୁ ବାହା କରାଇ ଦେଇଛନ୍ତି। କେନ୍ଦୁଝରରେ ୫୦ ବର୍ଷ ଧରି ରହୁଥିଲେ ମଧ୍ୟ ତାଙ୍କୁ ସରକାରୀ ଜାଗା କି ଘର ମିଳି ନାହିଁ । ଏକଦା ତାଙ୍କ ସେଲୁନରେ ଲୋକଙ୍କ ଭିଡ ଜମୁଥିଲା । ବର୍ତ୍ତମାନ ସମୟରେ ସମସ୍ତେ ବଡ ବଡ ଦୋକାନକୁ ଯାଉଛନ୍ତି। ଏଣୁ ପୁରୁଣା ଦିନର ସେଲୁନ ଅଲୋଡା ହୋଇଯାଇଛି। ପୌରପାଳିକା ପକ୍ଷରୁ ଦୋକାନର ପାଇବାକୁ ଆଶା ରଖି ତାଙ୍କୁ ନିରାଶ ହେବାକୁ ପଡୁଛି। ପୁରୁଣା କଥା ମନେ ପକାଇ ସେ କୁହନ୍ତି, ଆଗ ସମୟରେ ସବୁ ଜିନିଷ ଶସ୍ତା ଥିଲା । ସେ ଏଠାରେ ଭଲରେ ରହି ଘର ଚଳାଇବାକୁ ଗାଁକୁ ଦୁଇ ପଇସା ବି ପଠାଉଥିଲେ। ସେହି ରୋଜଗାରରେ ପିଲାଙ୍କୁ ପାଠ ପଢାଇ ବାହାଘର କରିଦେଲେ। ଏବେ ସବୁ ମହଙ୍ଗା ହେଲାଣି । ବଳବୟସ ଗଲାଣି । ଆଖିକୁ ବି ଝାପସା ଦିଶୁଛି । ଆଗରୁ ଭଡା ପାଉଥିଲେ । ୬ ଶହ ଟଙ୍କା । ଏବେ ତାହା ବଢି ୧ ହଜାର ଟଙ୍କା ହୋଇଛି । ଘର ଭଡା ଦେଇ ବାକି ୫ ଶହ ଟଙ୍କାରେ ଘର ଚଳୁଛି ବୋଲି ଚୈତନ୍ୟ କହିଛନ୍ତି।

## ■ ବୋମାମାଡ଼ ଘଟଣା ନେଇ ମାମଲା ରୁଜୁ

# କାରଣ ଖୋଜୁଛି ପୋଲିସ

**ଆନନ୍ଦପୁର,୨୬।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ଧକୋଠା ଗ୍ରାମରେ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ରଞ୍ଜିତ୍ ପୃଷ୍ଟିଙ୍କ ଘର ଉପରକୁ ଗୁରୁବାର କେହି ଦୁର୍ବୃତ୍ତ ବୋମାମାଡ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ରଞ୍ଜିତଙ୍କ ପରିବାର ଅନ୍ୟତ୍ର ପଳାଇଯାଇଛନ୍ତି। ଏ ନେଇ ପରିବାର ପକ୍ଷରୁ ସତ୍ୟବତୀ ପୃଷ୍ଟି ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୬୫/୨୦୧୯)ରୁଜୁ କରି ତଦନ୍ତ କରୁଛି। ଏହି ବୋମା ଅଧିକ ଶକ୍ତିଶାଳୀ ହୋଇ ନ ଥିବାରୁ କାହାରି କିଛି କ୍ଷତି ହୋଇ ନ ଥିବା ଆଇଆଇସି ବିରଞ୍ଚି ବାଗ୍ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଗତ ମାର୍ଚ୍ଚ୨୫ ତାରିଖ ରାତିରେ ଧକୋଠା ଗ୍ରାମର ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କୁ ହତ୍ୟା କରାଯିବା ଘଟଣାରେ ପୋଲିସ ତଦନ୍ତ ଜାରି ରଖି ୬ ଜଣଙ୍କୁ ଗିରଫ କରିଛି। ଏଥିରେ ୧୦ ଜଣ ଅଭିଯୁକ୍ତଙ୍କ ନାମ ରହିଛି। ଉକ୍ତ ମାମଲାରେ ରଞ୍ଜିତ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିବା ବେଳେ ତାଙ୍କ ଘର ଉପରକୁ କିଏ କାହିଁକି ବୋମା ଫିଙ୍ଗିଲା ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଏଯାଏ ଟେର୍ ପାଇନି।

# ଇଲେଭେନ ଷ୍ଟାର ଚାମ୍ପିୟନ

**ସୋର,୨୬।୪(ଡି.ଏନ.ଏ.)**

ବୀର ବଜରଙ୍ଗ କ୍ଲବ ଆନୁକୂଲ୍ୟରେ କେଶବ ଚନ୍ଦ୍ର ମହାପାତ୍ର ଏବଂ ଡ. ପରେଶ କୁମାର ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋର ପୌରାଞ୍ଚଳ ଅଧୀନ ରାଇପୁରସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଧର ମହାପାତ୍ର ସଭାପତିତ୍ୱ କରିଥିଲେ। କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁରେନ୍ଦ୍ର ପ୍ରସାଦ ପରମାଣିକ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସୌମ୍ୟଶାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ।

ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଟିମ୍ ଭାଗ ନେଇଥିଲେ। ଗୁରୁବାର ରାତିରେ ଭଦ୍ରକ ଇଲେଭେନ ଷ୍ଟାର ଓ ବାଲେଶ୍ୱର ବ୍ଲୁ ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଥିବା ବେଳେ ବ୍ଲୁ ଷ୍ଟାର ରନର୍ସଅପ ହୋଇଥିଲା। ପ୍ରଥମେ ଇଲେଭେନ ଷ୍ଟାର ବ୍ୟାଟିଂ କରି ୮୦ ରନ କରିଥିଲା ବେଳେ ବ୍ଲୁ ଷ୍ଟାର ୫ ଉଇକେଟ ବିନିମୟରେ ୭୪ ରନ୍ କରିପାରିଥିଲା। ଚାମ୍ପିୟନ ଟିମ୍‌କୁ ୧୨, ୦୦୦ ଓ ରନର୍ସଅପ ଟିମ୍‌କୁ ୯, ୦୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାକେଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜୟନ୍ତ ସ୍ୱାଇଁ, ଈଶ୍ୱର ବେହେରା ଯୋଗ ଦେଇଥିଲେ। ମାନସ ଦ୍ୱିବେଦୀ, ସୌମ୍ୟ ମହାନ୍ତି, କଟିନ ଦ୍ୱିବେଦୀ, କୁନା ଦ୍ୱିବେଦୀ, ଅଜୟ ମହାନ୍ତି, ରବି ଦାସ, ପ୍ରଶାନ୍ତ ଶଙ୍ଖୁଆ, ବାପୁନ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଦ୍ୱାରା ଦିବାରାତ୍ର ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

# ‘ସବୁ କାର୍ଯ୍ୟ କରିବାକୁ ମହିଳାମାନେ ସମର୍ଥ’

## ■ ପ୍ରଥମ କରି ନିର୍ବାଚନ ପରିଚାଳନା କାର୍ଯ୍ୟ କରି ମହିଳା କର୍ମଚାରୀ ଉତ୍ସାହିତ

**କେନ୍ଦୁଝର, ୨୬।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଗତ ୨୩ ତାରିଖରେ ଅନୁଷ୍ଠିତ ୩ୟ ପର୍ଯ୍ୟାୟ ନିର୍ବାଚନର ଜିଲାର ୧୮୧ ବୁଥରେ ପ୍ରଥମ କରି ୫୩୩ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ନିର୍ବାଚନ କାର୍ଯ୍ୟ ପରିଚାଳନା କରିବା ଲାଗି ସେମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଜିଲାରେ ପ୍ରଥମ କରି ମହିଳାଙ୍କୁ ନିର୍ବାଚନ ପରିଚାଳନାରେ ସାମିଲ କରାଯାଉଥିବାରୁ ସେମାନଙ୍କୁ ମୁଖ୍ୟତଃ ଜିଲା, ଉପଖଣ୍ଡ ଓ ବ୍ଲକ ମୁଖ୍ୟାଳୟ ପାଖାପାଖି ବୁଥରେ ନିଯୁକ୍ତି ଦିଆଯାଇଥିଲା। ସେମାନେ ଶୃଙ୍ଖଳିତ ଭାବେ କାର୍ଯ୍ୟ ତୁଲାଇ ନିଜ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି।

ପ୍ରଥମ ନିର୍ବାଚନ ଦାୟିତ୍ୱ ତୁଲାଇଥିବା କେନ୍ଦୁଝର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାପାତ୍ର ତାଙ୍କ ଅନୁଭୂତି ବ୍ୟକ୍ତ କରି କହିଛନ୍ତି, ଏଭଳି ଦାୟିତ୍ୱ ତୁଲାଇବା ତାଙ୍କୁ ଆନନ୍ଦିତ କରିଥିଲା। ପୋଲିସ ଲାଇନ ୟୁପି ସ୍କୁଲ ପୋଲିଂ ବୁଥରେ ତାଙ୍କର ଡ୍ୟୁଟି ପଡିଥିଲା । ଆଗରୁ ପୁରୁଷ କର୍ମଚାରୀ ଏହି କାମ କରୁଥିଲେ। ଚଳିତ ନିର୍ବାଚନରେ ଏଥିରେ ମହିଳାଙ୍କୁ ସାମିଲ କରାଯିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ । ମହିଳାମାନେ ସବୁ କାମକୁ ଦକ୍ଷତାର ସହ କରି ପାରିବେ ସେମାନେ ପ୍ରମାଣ କରି ଦେଖାଇଛନ୍ତି ।

କେନ୍ଦୁଝର ଆଟପୁର ୟୁପି ସ୍କୁଲର ଶିକ୍ଷୟିତ୍ରୀ ସଞ୍ଜୁଲତା ଦାସ କହିଛନ୍ତି, ତାଙ୍କର ନିର୍ବାଚନ ଡ୍ୟୁଟି ଡି.ଏନ.ହାଇସ୍କୁଲ ବୁଥରେ ପଡିଥିଲା । ଏଥିପାଇଁ ସେ ଆଗୁଆ ଟ୍ରେନିଂ ନେଇଥିଲେ। ୧୫ ବର୍ଷର ଚାକିରି କାଳ ମଧ୍ୟରେ ଏହି ଦାୟିତ୍ୱ ତୁଲାଇବାକୁ ତାଙ୍କୁ ସୁଯୋଗ ମିଳିଥିଲା। ନିର୍ବାଚନ କାର୍ଯ୍ୟ ପରିଚାଳନା କରି ସେ ବେଶ୍ ଖୁସି ଅନୁଭବ କରିଛନ୍ତି। ପ୍ରଥମେ ତାଙ୍କ ମନରେ କିଛିଟା ଭୟ ଥିଲେ ମଧ୍ୟ ସଫଳତାର ସହ କାର୍ଯ୍ୟ କରପାରି ଥିବାରୁ ତାଙ୍କ ଆତ୍ମବିଶ୍ୱାସ ବଢିଛି। ସ୍ଥାନୀୟ ମନୋଜ ମଞ୍ଜରୀ ଶିଶୁ ଭବନର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ର କହିଛନ୍ତି, ଭୋଟ ପରିଚାଳନା ଭଳି ନୂଆ ଦାୟିତ୍ୱ ଭଲ ଲାଗିଲା । ନୂଆ ଅଭିଜ୍ଞତା ମିଳିଲା। ଟ୍ରେନିଂ ସମୟରେ ମନୋବଳ ବୃଦ୍ଧି ପାଇଥିଲା । ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇ ସବୁ କାର୍ଯ୍ୟ କରିବାକୁ ସମର୍ଥ ହେବେ ଏକଥା ଆମେ କାମରେ ପରିଣତ କରି ଦେଖାଇଛୁ।

ଝାଡବେଲଦା ଏସଏମଆଇ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିଲି କୁମାରୀ ମହାନ୍ତ କହିଛନ୍ତି, ତାଙ୍କର ଡ୍ୟୁଟି ଗୋବିନ୍ଦପୁର ୟୁଜିଏମଇ ସ୍କୁଲରେ ପଡିଥିଲା। ଚାକିରୀ ଶେଷ ସମୟରେ ନିର୍ବାଚନରେ ସାମିଲ ହେବାକୁ ସୁଯୋଗ ମିଳିଲା। ଏଥିଲାଗି ସେ ବେଶ ଖୁସି । ଏଣିକି ନିର୍ବାଚନ ଭଳି କାର୍ଯ୍ୟରେ ମହିଳାମାନେ ସାମଲି ହୋଇ ଦେଶ ପାଇଁ ସେବା କରିପାରିବେ ।



ରାଜଲକ୍ଷ୍ମୀ ମହାପାତ୍ର



ସଞ୍ଜୁଲତା ଦାସ



ବିଜୟଲକ୍ଷ୍ମୀ ମିଶ୍ର



ଲିଲି କୁମାରୀ ମହାନ୍ତ